## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ପାଣିକୋଇଲି,୬।୧୨(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ନିକଟରେ ଥିବା ମହିନ୍ଦ୍ରା ଶୋ'ରୁମ୍ ସମ୍ମୁଖରେ ମଙ୍ଗଳବାର ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର ଭିକାରି ପରିଡ଼ା(୬୦)। ଭିକାରି ରାଜପଥରେ ଚାଲି ଚାଲି ରାସ୍ତା ପାରି ହେଉଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଖବର ପାଇ ପାଣିକୋଇଲି ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ଅଶୋକ ଦାସ, ମେଘନାଦ ଜେନା, ହରେକୃଷ୍ଣ ସାହୁ ଓ ଅଜିତ କୁମାର ସାହୁ ପ୍ରମୁଖ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଉଦ୍‌ବେଗ ଜନିତ ଥିବାରୁ ତାଙ୍କୁ ମେଡିକାଲ କର୍ତ୍ତୃପକ୍ଷ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଣିକୋଇଲି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ପୁରୀରେ ହେବ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ଧର୍ମଶାଳା,୬।୧୨(ବଟକୃଷ୍ଣ ପରିଡ଼ା):** ଗୋକର୍ଣ୍ଣିକା ସାହିତ୍ୟ ସମାଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପୁରୀସ୍ଥିତ ୟୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଛି ଯେ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଆଜ୍ଞାମାଳ ଅଣାଯିବା ପରେ ୟୁଥ ହଷ୍ଟେଲ ସଭାଗୃହରେ ଆସନ୍ତା ୯ ତାରିଖ ଶନିବାର ଉତ୍ସବ ପାଳନ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବେ। ଉତ୍ସବରେ ସାହିତ୍ୟିକମାନଙ୍କ ଏକ ବନ୍ଧୁ ମିଳନ ଓ କବିତାପାଠ ଉତ୍ସବ ଆୟୋଜନ କରାଯାଇଛି। ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ଶୈବପୀଠରେ ଅନୁଷ୍ଠିତ ହେବ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ ବୋଲି ଅନୁଷ୍ଠାନର ସଭାପତି ଜେନା, କାର୍ଯ୍ୟକାରୀ ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି ଓ ସମ୍ପାଦକ ମହେଶ୍ୱର ପାଢ଼ୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ନୂତନ ପାକ୍ସ ପ୍ରତିଷ୍ଠାରେ ମନମାନି

- ବେଆଇନ ଭାବେ ଗଠିତ ହେଉଛି କମିଟି
- ଦେଣନେଣ କରିବାକୁ ଚାଷୀଙ୍କ ଅନାଗ୍ରହ
- ଲଘୁଚାପ ବର୍ଷାରେ ଧାନ କ୍ଷତିଗ୍ରସ୍ତ

**ଯାଜପୁର,୬।୧୨(ହର୍ଷବର୍ଦ୍ଧନ ବେହେରା) :** ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) କୃଷକମାନଙ୍କ ଏକ ନିର୍ଭରଯୋଗ୍ୟ ସରକାରୀ ସଂସ୍ଥା। କୃଷକମାନେ ଏହି ସଂସ୍ଥାରୁ ଋଣ କରି ନିଜର ଚାଷ କାର୍ଯ୍ୟ ଓ ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ସଂସ୍ଥା ସ୍ୱଚ୍ଛ ଓ ଗଣତାନ୍ତ୍ରିକ ଭାବେ ପରିଚାଳିତ ହେବା କଥା। କିନ୍ତୁ ଏହି ସଂସ୍ଥାର କେତେଜଣ କର୍ମକର୍ତ୍ତା ଦୁର୍ନୀତିରେ ବୁଡ଼ି ରହିଥିବାରୁ ଚାଷୀମାନେ କ୍ଷତି ସହୁଥିବାର ନଜିର ରହିଛି। ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନରେ ବାଙ୍ଗରା ନାମରେ ଏକ ନୂତନ ପାକ୍ସ ଖୋଲିଛି । ସେଥିରେ କମିଟି ଗଠନରେ ମନମାନି ଏବଂ ବହୁ ଅନିୟମିତତା ହୋଇଥିବା ଅଭିଯୋଗରୁ ଏହା ସ୍ପଷ୍ଟ ହେଉଛି। ଏହି ଅଭିଯୋଗ ଉପରେ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକଙ୍କ କାର୍ଯ୍ୟାଳୟରୁ ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଟକ-୨ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟପକ୍ଷେ ଜିଲାରେ ଏଯାଏ କୌଣସି ମଣ୍ଡି ଖୋଲି ନ ଥିବାରୁ ଚଳିତ ଲଘୁଚାପ ବର୍ଷାରେ ଚାଷୀମାନଙ୍କ ଧାନ ବିକ୍ରୀ ନ କରି ସର୍ବସ୍ୱାନ୍ତ ହୋଇଯିବେ ବୋଲି ଆଶଙ୍କା ପ୍ରକଟ କରିଛନ୍ତି।

ଯାଜପୁର ଜିଲାରେ ପୂର୍ବରୁ ୧୨୨ ପାକ୍ସ ଥିଲାବେଳେ ପୁଣି ୭୩ ନୂତନ ପାକ୍ସ ପ୍ରତିଷ୍ଠା କରାଯାଇଛି। ଗତବର୍ଷ ପ୍ରାୟ ୧୫ ଲକ୍ଷ ଧାନ ସଂଗ୍ରହ ହୋଇଥିଲାବେଳେ ଚଳିତ ବର୍ଷ ଏଯାଏ କୌଣସି ଟାର୍ଗେଟ ମିଳିନାହିଁ ବୋଲି ସୂଚନା ମିଳିଛି। ଏହି କ୍ରମରେ ଚାଷୀମାନେ ନିଜର କଷ୍ଟୋପାର୍ଜିତ ଧାନକୁ ବିକ୍ରୀ କରି ନ ପାରି ସରକାରୀ ନିର୍ଦ୍ଧାରିତ ମୂଲ୍ୟଠାରୁ ବହୁତ କମ ଦରରେ ମଧ୍ୟସ୍ଥିଙ୍କୁ ଟେକି ଦେଉଛନ୍ତି । ଚଳିତ ବର୍ଷ ୧୨୦ ପାକ୍ସ ଏବଂ ୪୬ ମହିଳା ସ୍ୱୟଂ ସହାୟକ ଦଳ(ଏସ୍‌ଏଚ୍‌ଜି) ମାଧ୍ୟମରେ ଧାନ କିଣା ଯିବ ବୋଲି ନିଷ୍ପତ୍ତି ହୋଇଛି। କିନ୍ତୁ ଧାନକିଣାକୁ ନେଇ ଜିଲାରେ ଏଯାଏ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷେ ପ୍ରତିଷ୍ଠା ହୋଇଥିବା ନୂତନ ପାକ୍ସଗୁଡିକରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଚାଷୀ ଗଗନ ଚନ୍ଦ୍ର ମଲିକ, ବାଇଧର ରାଉତ, ଅଭୟ କୁମାର ଆରୁଖ, ପ୍ରମିଳା ଦାସ, ଅନିତା ଦାସ, ସୁଧାଂଶୁ ଶେଖର ନନ୍ଦ, ଅଭୟ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଶତାଧିକ ଚାଷୀ ନିବନ୍ଧକ ଏବଂ ଯାଜପୁର ଏଆରସିଏସ୍‌ଙ୍କୁ କରିଥିବା ଅଭିଯୋଗ ଅନୁଯାୟୀ, ପଞ୍ଜିକୃତ ବାଙ୍ଗରା ପାକ୍ସରେ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ନିଜର ଆର୍ଥିକ ଫାଇଦା ହାସଲ କରିବା ପାଇଁ ଲାଗି ପଡ଼ିଛନ୍ତି। କେତେଜଣ ହାତଗଣତି ଲୋକଙ୍କୁ ନେଇ ଲୁଚାଛପା ଭାବେ ଚାଷୀଙ୍କ ସାଧାରଣ ପରିଷଦ ବୈଠକ କରାଯାଇ ପରିଚାଳନା କମିଟି ଗଠନ ହୋଇଛି। ବାଙ୍ଗରା ପଞ୍ଚାୟତରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ ରହିଛନ୍ତି। କିନ୍ତୁ ସମସ୍ତଙ୍କୁ ଅନ୍ଧାରରେ ରଖାଯାଇଥିବା ସହ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ଜନପ୍ରତିନିଧିମାନଙ୍କୁ ନ ଜଣାଇ ବେଆଇନ କମିଟି ଗଠନ ହୋଇଛି। ଏପରି କି ଗୋଟିଏ ପରିବାରରୁ ସଭାପତି ଓ ସମ୍ପାଦକ ମନୋନୀତ ହୋଇଛନ୍ତି। ପୂର୍ବରୁ ଜରି ପାକ୍ସରୁ ଚାଷୀମାନେ କୃଷି ଋଣ ଦେଣନେଣ କରି ଆସୁଛନ୍ତି। ସେଠାରେ ଧାନ ବିକ୍ରୀଠାରୁ ଆରମ୍ଭ କରି ସାର କ୍ରୟ, ଫସଲ ବୀମା ରାଶି ନିର୍ଦ୍ଧାରିତ ସମୟରେ ପାଇ ଆସୁଛନ୍ତି। ତେଣୁ ଦୁର୍ନୀତି ଓ ସ୍ୱେଚ୍ଛାଚାରିତା କାର୍ଯ୍ୟ ହେବାର ଆଭାସ ପାଇ ଚାଷୀମାନେ ବେଆଇନ ଭାବେ ଗଠିତ ନୂତନ ବାଙ୍ଗରା ପାକ୍ସରେ ସଭ୍ୟଭୁକ୍ତ ହେବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ତେଣୁ ଯେପର୍ଯ୍ୟନ୍ତ ସ୍ୱଚ୍ଛତାର ସହ ଏବଂ ସମବାୟ ନୀତିନିୟମକୁ ଆଧାର କରି ତଥା ଚାଷୀଙ୍କ ବିଶ୍ୱାସକୁ ନେଇ ନୂତନ କମିଟି ଗଠନ ନ କରାଯାଇଛି ଓ ଏହାର କାର୍ଯ୍ୟାଳୟ ବାଙ୍ଗରା ପଞ୍ଚାୟତରେ ସ୍ଥାପନ ନ ହୋଇଛି ସେ ପର୍ଯ୍ୟନ୍ତ ଚାଷୀବୃନ୍ଦ ପୂର୍ବଭଳି ଜରି ପାକ୍ସରେ ଦେଣନେଣ କରିବେ ବୋଲି କହିଛନ୍ତି।

ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ଶରତ ଚନ୍ଦ୍ର ମଲିକଙ୍କୁ ପଚାରିବାରେ ସେ କହିଛନ୍ତି ଅଭିଯୋଗ ପାଇଛି। ଚାଷୀମାନେ ପୂର୍ବପରି ଜରି ପାକ୍ସରେ ସଭ୍ୟ ହେବାକୁ ଇଚ୍ଛୁକ ଅଛନ୍ତି। ତେଣୁ ଏନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଏହି ବିବାଦର ସମାଧାନ ହେବ।

## ଗୋପବନ୍ଧୁ ପ୍ରେସ୍ କ୍ଲବ୍ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧନା



ପ୍ରେସ୍ କ୍ଲବ୍ କର୍ମକର୍ତ୍ତା ଡା. ନିହାର ରଞ୍ଜନ କରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଜେନାପୁର,୬।୧୨(ଅଶୋକ ଦାସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନିହାର ରଞ୍ଜନ କରଙ୍କୁ ଉତ୍ତମ ସେବା ପାଇଁ ଜେନାପୁର ଗୋପବନ୍ଧୁ ପ୍ରେସ୍‌କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କ୍ଲବ୍ ସଭାପତି ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବାବୁଲି ରାଉତ, ସମ୍ପାଦକ ଚିତ୍ରସେନ ନାଥ, ସହସମ୍ପାଦକ ବସନ୍ତ ମଲ୍ଲିକ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ, ଉପଦେଷ୍ଟା ପ୍ରଶାନ୍ତ ସାମଲ, ନିଷ୍କାନ୍ତ ଖଟୁଆ ଓ ଅସୀତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର କର ଉତ୍ତମ ସେବା ପାଇଁ ସ୍ଥାନୀୟ ଅଞ୍ଚଳରେ ସୁନାମ ଅର୍ଜନ କରିଛନ୍ତି। କରୋନା ସମୟରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରୁ କାର୍ଯ୍ୟ ସାରିବା ପରେ ଗାଁଗାଁ ବୁଲି ଲୋକଙ୍କୁ ସଚେତନ କରୁଥିଲେ। ଝଡ଼ବର୍ଷାରେ ମଧ୍ୟ ସେ ରୋଗୀ ସେବା କରିବା ପାଇଁ ଧାଇଁ ଆସନ୍ତି ଡାକ୍ତରଖାନାକୁ। ଏବେ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହିତ ସାମିଲ ହୋଇ ଗରିବ ଅସହାୟଙ୍କ ପାଇଁ ଦେବଦୁତ ସାଜିଛନ୍ତି। ଏପରି କାର୍ଯ୍ୟ ପାଇଁ ବିଭିନ୍ନ ସଂଗଠନ ତରଫରୁ ସେ ପୂର୍ବରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଆମ୍ବେଡକରଙ୍କ ତିରୋଧାନ ଦିବସ



ଆମ୍ବେଡକରଙ୍କ ତିରୋଧାନ ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବଡ଼ଚଣା,୬।୧୨ (ଦିଲୀପ କୁମାର ମହାନ୍ତି):** ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଡକରଙ୍କ ତିରୋଧାନ ଦିବସ ବଡ଼ଚଣା ବ୍ଲକ୍ ଅଧୀନ ବନ୍ଧାଳୋସ୍ଥିତ ଯୁବ ତାଲିମ କେନ୍ଦ୍ରଠାରେ ଭରତ କୁମାର ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ମୁଖ୍ୟବକ୍ତା ସ୍ତମ୍ଭକାର ମାନସ ଜେନା, ସମ୍ମାନିତ ଅତିଥି ଭାବେ ସ୍ମିତାରାଣୀ ପଟ୍ଟନାୟକ, ରମେଶ ଚନ୍ଦ୍ର ଜେନା ଓ ପବନେଶ୍ୱର ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଆମ୍ବେଡକରଙ୍କ ବିଚାରଧାରା ବିଷୟରେ ଆଲୋଚନା କରିଥିବାବେଳେ ମୁଖ୍ୟବକ୍ତା ସମ୍ବିଧାନ ପ୍ରଣୟନରେ ତାଙ୍କର ଭୂମିକା ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ତାଙ୍କ ଜୀବନୀ ଉପରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ମଲ୍ଲିକ, ରବୀନ୍ଦ୍ର ଦୀପ, ସେବିକା ନାୟକ, କଲ୍ୟାଣୀ ସୁମି ଓ କୈଳାସ ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇ ଆମ୍ବେଡକରଙ୍କ ଗୁଣଗାନ କରିଥିଲେ। ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

**ପାଣିକୋଇଲି,୬।୧୨(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ଦାମୋଦରପୁର ଗ୍ରାମର ଯୁବକ ସୁନାକର ସାହୁ(୪୦) ବିଷପିଇ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣକୁ ନେଇ ସେ ରବିବାର ବିଷ ପିଇଦେଇଥିଲେ। ପରିବାର ଲୋକ ଜାଣିବା ପରେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୁନାକର ପାଣିକୋଇଲି ବଜାରର ଗଣେଶ ମାର୍କେଟଠାରେ ଗ୍ରୋସରି ଦୋକାନ କରିଥିଲେ। ତାଙ୍କର ଅକାଳ ମୃତ୍ୟୁ ଖବର ପାଇ ଗଣେଶ ବଜାର କମିଟିର ସମସ୍ତ ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି। ବଜାରର ସମସ୍ତ ଦୋକାନ ବନ୍ଦ ରହିଛି।

## ଲଘୁଚାପ ପ୍ରଭାବରେ ଝିପିଝିପି ବର୍ଷା

**ଧର୍ମଶାଳା,୬।୧୨(ବଟକୃଷ୍ଣ ପରିଡ଼ା):** ଲଘୁଚାପ ପ୍ରଭାବରେ ବୁଧବାର ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ଝିପିଝିପି ବର୍ଷା ଲାଗିରହିଛି। ଶୀତ ଦିନ ହୋଇଥିବାରୁ ଏହି ଝିପିଝିପି ବର୍ଷାରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ବର୍ଷାରେ ଚାଷୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଏବେ ଧାନ ଅମଳ ସମୟ ହୋଇଥିବାବେଳେ ବର୍ଷା ଯୋଗୁ ବିଲରେ ପାଚିଲା ଧାନ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସେହିପରି ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ବିଲରେ କୋବି, ପୋଟଳ, କଲରା, ବାଇଗଣ, ଟମାଟୋ ଓ ଝୁଡୁଙ୍ଗ ଆଦି ଚାଷ ହୋଇଥିବାରୁ ଅଦିନିଆ ବର୍ଷା ଯୋଗୁ ପନିପରିବା ଫସଲ ନଷ୍ଟହେବା ଆଶଙ୍କା ଦେଖାଦେଇଛି। ଗୁରୁବାର ପର୍ଯ୍ୟନ୍ତ ବର୍ଷା ଲାଗିରହିଲେ ଚାଷୀ ବହୁ ପରିମାଣର କ୍ଷତିଗ୍ରସ୍ତ ହେବେ ବୋଲି କୃଷକ ନେତା ବସନ୍ତ ପରିଡ଼ା କହିବା ସହ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

# ଉଭୟ ପକ୍ଷରୁ ଯୁକ୍ତି ଉପସ୍ଥାପନ

**ପରିବାର ଅଦାଲତଙ୍କ ରାୟ ବିରୋଧରେ ହାଇକୋର୍ଟ ମାମଲା**

**କଟକ,୬।୧୨ (କାର୍ତ୍ତିକ ସାହୁ)** କଟକ ପରିବାର ଅଦାଲତଙ୍କ ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ହାଇକୋର୍ଟରେ ଦାଏର କରିଥିବା ମାମଲା ଏବେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିବା ଜଣାପଡିଛି। ହାଇକୋର୍ଟ ବିଚାରପତି ଅରିନ୍ଦମ ସିହ୍ନା ଓ ବିଚାରପତି ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣିବେଳେ ଉଭୟ ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପରିବାର ଅଦାଲତଙ୍କ ରାୟ ବିରୋଧରେ ଯୁକ୍ତି ଉପସ୍ଥାପନ କରି ଅଦାଲତଙ୍କୁ ସମସ୍ତ ତଥ୍ୟ ଅବଗତ କରାଇଥିବା କହିଛନ୍ତି। ଅନୁଭବ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କଠାରୁ ଛାଡ଼ପତ୍ର ପାଇଁ କରିଥିବା ଆବେଦନକୁ ଖାରଜ କରିବା ବେଆଇନ ବୋଲି ସେ ଯୁକ୍ତି ମାଧ୍ୟମରେ ଖଣ୍ଡପୀଠଙ୍କୁ ସନ୍ତୁଷ୍ଟ କରିଥିବା ସୂଚନା ଦେଇଛନ୍ତି। ଆସନ୍ତା ୨୦ରେ ମାମଲାର ପରବର୍ତ୍ତି ଶୁଣାଣି ହେବ। ସୂଚନା ଅନୁସାରେ, ଅନୁଭବ ଓ ବର୍ଷାଙ୍କ ମାମଲାର ଆବେଦନ ପରିବାର ଅଦାଲତରେ ଗତ ସେପ୍ଟେମ୍ବର ୨୨ରେ ଖାରଜ ହେବା ପରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ବର୍ଷାଙ୍କୁ ହାଜର ହେବା ନିମନ୍ତେ ନୋଟିସ ଜାରି କରିଥିଲେ। ଏଥିସହ ପରିବାର ଅଦାଲତରୁ ସେମାନଙ୍କ ବିବାହ ବିଚ୍ଛେଦ ସଂକ୍ରାନ୍ତୀୟ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ ପାଇଁ ଆଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ବର୍ଷା କଟକର ପରିବାର ଅଦାଲତରେ ଅନୁଭବଙ୍କ ନିକଟରେ ରହିବାକୁ ଚାହୁଁଥିବା ଦର୍ଶାଇ ସେମାନଙ୍କ ସମ୍ପର୍କ ପୁନଃ ପ୍ରତିଷ୍ଠା ନିମନ୍ତେ ଆବେଦନ କରିଥିଲେ। ପରିବାର ଅଦାଲତରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ମାମଲାର ଶୁଣାଣି ଚାଲିଥିଲା। ତେବେ ନିକଟରେ ପରିବାର ଅଦାଲତ ବର୍ଷାଙ୍କ ଆବେଦନକୁ ଖାରଜ କରିଥିଲେ। ସେହିପରି ଅନୁଭବଙ୍କ ପକ୍ଷରୁ ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ପରିବାର ଅଦାଲତ ଖାରଜ କରିଥିଲେ।

## ମହାପାଟ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ

**କୋରେଇ,୬।୧୨(ଚନ୍ଦ୍ରକାନ୍ତ ପତି):** କୋରେଇ ବ୍ଲକ ଅଧୀନ ତଳଗଡ଼ ପଞ୍ଚାୟତ କଣ୍ଟାଝରୀ ଗ୍ରାମର ମା' ମହାପାଟ କ୍ରିକେଟ କ୍ଲବ ପକ୍ଷରୁ ୧୫ତମ ବନ୍ଧୁତାପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ବାପି ଇଲେଭେନ, ଟୁଲୁ ଇଲେଭେନ, ଠୁଣିଆ ଇଲେଭେନ ଓ ଗୋଲ ଇଲେଭେନ ଆଦି ୪ ଟିମ୍ ଯୋଗ ଦେଇଥିଲେ। ଗୋଲ ଇଲେଭେନ ଓ ଠୁଣିଆ ଇଲେଭେନ ଫାଇନାଲ ଖେଳିଥିଲେ। ଗୋଲ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୮୫ ରନ କରିବାକୁ ସକ୍ଷମ ହୋଇଥିଲା। ଠୁଣିଆ ଇଲେଭେନ ୨ ଉଇକେଟ ହରାଇ ୮୬ ରନ କରି ବିଜୟ ହାସଲ କରିଥିଲା। ଠୁଣିଆ ଇଲେଭେନର ମ୍ୟାନ ଅଫ ଦି ମ୍ୟାଚ କୁନାଲ ପଣ୍ଡା ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ମନୋଜ ଶତପଥୀଙ୍କୁ(ମଣ୍ଟୁ) ପୁରସ୍କୃତ କରାଯାଇଥିଲା। ଅଞ୍ଜନ କୁମାର ନାୟକ, ଅନୀଲ ପଣ୍ଡା, ପିନାକୀ ଦାସ, ଅଞ୍ଜନ କୁମାର ସାମଲ, ସନ୍ତୋଷ ପଣ୍ଡା, ଚନ୍ଦନ ପତି, ସୁବ୍ରତ ସୌରଭ ମହାପାତ୍ର ଓ ଶ୍ରୀକାନ୍ତ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ହେମନ୍ତ ଦାସ, ଅଭିନାଶ ରାଉତ, ରାଜେନ୍ଦ୍ର ଦାସ, ତରୁଣ ନାୟକ ଓ ସନ୍ତୋଷ ପଣ୍ଡା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

## ଧରାପଡ଼ିଲେ ୩ ଲୁଟେରା

**ବାରିପଦା,୬।୧୨,(ନୀଳାଦ୍ରି ବିହାରୀ ଦଣ୍ଡପାଟ)** ବାରିପଦା ସହର ଓ ଆଖପାଖ ଅଞ୍ଚଳରୁ ମୋବାଇଲ ଓ ସୁନା ଚେନ୍ ଛିନତାଇ ମାମଲାରେ ଜଡ଼ିତ ୩ ଜଣଙ୍କୁ ଧରିବାରେ ଟାଉନ ଥାନା ପୋଲିସ ସକ୍ଷମ ହୋଇଛି। ସେମାନଙ୍କଠାରୁ ୫୨ ମୋବାଇଲ ଫୋନ ଓ ୩ ବାଇକ୍ ଜବତ ହୋଇଛି। ଉକ୍ତ ଗ୍ୟାଙ୍ଗରେ ୫ ସଦସ୍ୟ ସାମିଲ ଥିବା ବେଳେ ଅନ୍ୟ ୨ଜଣ ଖସି ପଳାଇଛନ୍ତି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଅଭିଯୁକ୍ତଙ୍କ ନାମ ପୋଲିସ ଗୋପନ ରଖିଛି। ଧରାପଡ଼ିଥିବା ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ପୋଲିସ ସୂଚନା ଦେଇଛି। ସହରରେ ଦିନକୁ ଦିନ ଚୋର ଓ ଲୁଟେରାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଯୋଗୁ ଅସନ୍ତୋଷ ବଢ଼ିଚାଲିଛି। ଟାଉନ ଥାନା ଅଞ୍ଚଳରେ ମର୍ଣ୍ଣିଂ ୱାର୍କ କରୁଥିବା ସମୟରେ ସାଧାରଣତଃ ବୃଦ୍ଧ ଓ ବୃଦ୍ଧା ଛିନତାଇର ଶିକାର ହୋଇଥିବା ଅଭିଯୋଗ ହୋଇ ଆସୁଥିଲା।

# ମାୟାଧରଙ୍କ 'ସଇତାନ ସାବଧାନ ପୁସ୍ତକ' ଉନ୍ମୋଚିତ

**ଯାଜପୁରରୋଡ୍,୬।୧୨ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗରସ୍ଥିତ ମହାନାୟକ ପାଠାଗାରଠାରେ ବୁଧବାର ଶ୍ରମିକନେତା ମାୟାଧର ନାୟକଙ୍କ ଏ ଯୁଦ୍ଧ ଯୋଜନା ବନ୍ଧ: ସଇତାନ ସାବଧାନ ପୁସ୍ତକ ଏକ ଖବରଦାତା ସମ୍ମିଳନୀରେ ଉନ୍ମୋଚିତ ହୋଇଯାଇଛି। ପୁସ୍ତକ ଉନ୍ମୋଚନ ଉତ୍ସବରେ ପ୍ରକାଶକ କୃଷକ ଲକ୍ଷ୍ମଣ ଦାଶ ଉପସ୍ଥିତ ଥିଲେ। ତତ୍‌ସହିତ ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ ଢେଙ୍କାନାଳ ଜିଲାରୁ ବହୁ ଶ୍ରମିକନେତା ଉତ୍ସବରେ ସାମିଲ ହୋଇଥିଲେ।

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ନାୟକ କହିଛନ୍ତି, ଯୁଦ୍ଧରେ ଏ ଜଗତ ଓ ଜୀବନ ଜର୍ଜରିତ। ଏସବୁ ଯୁଦ୍ଧରେ ସାମରିକ ଅସ୍ତ୍ର ବିକ୍ରେତା ବିଭସ ବଣିକ ତନ୍ତ୍ରର କୁତ୍ସିତ କରାଳ କୀଟବର୍ଗ, ଅସ୍ତ୍ର ବେପାରୀଙ୍କ ଜଘନ୍ୟ ଷଡ଼ଯନ୍ତ୍ର ଓ ମାୟାଜାଲରେ ପ୍ରାୟ ସବୁଦେଶ ଫସିଯାଇଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ



ଲେଖକ ଓ ପ୍ରକାଶକ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଏମାନଙ୍କ ଘୃଣ୍ୟଚକ୍ରାନ୍ତର ପର୍ଦ୍ଦାଫାଶ କରି ସେମାନଙ୍କୁ ବାଛନ୍ଦ କରିବା ଏକାନ୍ତ ଜରୁରୀ ହୋଇପଡ଼ିଛି। ଏହି ସଇତାନ ସାବଧାନ ପୁସ୍ତକରେ ଯାହା ବିଶ୍ଳେଷଣ କରାଯାଇଛି ତାହା ବିଶ୍ୱର କୌଣସି ଦେଶ କିମ୍ବା ନେତାଙ୍କଠାରୁ ଅଧିକ ବିଶ୍ଳେଷଣ ହୋଇଛି ବୋଲି ନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୃଥିବୀରେ ସବୁଠି ଆଜି ଅଶାନ୍ତ ଅଶୁଭ ଝଡ଼। ଦେଶଦେଶ ମଧ୍ୟରେ ଯୁଦ୍ଧର ଜଳନ୍ତା ନିଆଁ ଲାଗିଛି। ଆଜିର ମଣିଷ ବିକଳ ବିବ୍ରତ ମହାବିପ୍ଳବର ବିଶାକ୍ତ ବ୍ୟୂହବଳୟରେ। ଏ ଆସନ୍ନ କାଳରାତ୍ରିର ଅବିଶ୍ୱାସ୍ୟ ଅନ୍ଧକାର ଉପରେ ମୋର ଏ 'ସଇତାନ ସାବଧାନ' ପୁସ୍ତକଟି ସାରାବିଶ୍ୱରେ ଯେତେ ନେତା, ଯେତେ ଦେଶ ଯାହା ଯାହା କହିଛନ୍ତି ଓ କହୁଛନ୍ତି ମୁଁ ସେସବୁ ଊର୍ଦ୍ଧ୍ୱକୁ ଯାଇ ବିଶ୍ଳେଷଣ କରିଛି। ଏ ଓଡ଼ିଆ ଭାଷାର ପୁସ୍ତକ ଖୁବ୍‌ଶୀଘ୍ର ଇଂରାଜୀରେ ପ୍ରକାଶିତ ହୋଇ ବିଶ୍ୱବାସୀଙ୍କ ପାଖରେ ପହଞ୍ଚିବ ବୋଲି ଆଶା ଓ ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି।

# ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପାଣିକୋଇଲି,୬।୧୨(ବିକାଶ ମଲ୍ଲିକ):** ପାଣିକୋଇଲି ଗ୍ରାମ ବାଲିଦାଣ୍ଡ ସାହିରେ ଦ୍ୱିଦିବସୀୟ ୯ମ ବାର୍ଷିକ ରାଜ୍ୟସ୍ତରୀୟ ବାବା ଅବାନାଶୀ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସ୍ତର ଓ ରାଜ୍ୟ ସ୍ତର ଦୁଇ ଭାଗରେ ଖେଳ ହୋଇଥିଲା। ଆଞ୍ଚଳିକସ୍ତରରେ ଫାଇନାଲ ମ୍ୟାଚ ଗଣପତି(ଏ) ବନାମ ମା' ହର୍ତ୍ତାଶୁଣୀ ବରେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରେଇକୁ ହରାଇ ଗଣପତି ୩୪-୨୧ରେ ବିଜୟୀ ହୋଇଥିଲା। ସେହିପରି ରାଜ୍ୟସ୍ତର ଖେଳରେ କଟକ ବନାମ ପୁରୀ ଦାଣ୍ଡମୁକୁନ୍ଦପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଦାଣ୍ଡମୁକୁନ୍ଦପୁରକୁ ହରାଇ କଟକ ୨୦-୧୯ରେ ଚାମ୍ପିୟନ ହୋଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନେ।

ସତ୍ୟ ପ୍ରକାଶ ଦାସ, ସୂର୍ଯ୍ୟମଣି ପଣ୍ଡା, ମୁନ୍ନା ମହାପାତ୍ର, ଶିବାନନ୍ଦ ମିଶ୍ର ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ରେଫରି ଭାବେ କୃଷ୍ଣଚନ୍ଦ୍ର ପଣ୍ଡା, ମନୋସିନୀ ସାହୁ, ପ୍ରଦୀପ ସାହୁ, ରମେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିବାବେଳେ ଆନନ୍ଦ ରଣା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ନିମାଇଁ ମଲ୍ଲିକ, ବନୋଜ ଜେନା, ଜୟପ୍ରକାଶ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ସୁରେଶ ପଣ୍ଡା, ସୟଦ ଅଲ୍ଲି ଖାଁ, ଶରତ ପାତ୍ର, ନାଲୁ ସାହୁ ଓ ଯୋଗେନ୍ଦ୍ର ମଲ୍ଲିକ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବାବା ଅବିନାଶୀ କବାଡ଼ି କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ୍‌ରେ ରାଜ୍ୟର କଟକ, ଭୁବନେଶ୍ୱର, ପୁରୀ, ସମ୍ବଲପୁର, ଆସ୍କା, ବାଲେଶ୍ୱର, ଢେଙ୍କାନଳ ଓ ଯାଜପୁର ଆଦି ଜିଲାର ଖେଳାଳିମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶିଶୁମନ୍ଦିର ଫେରିବା ବାଟରୁ ନାବାଳକଙ୍କୁ ଉଠାଇନେଲେ ଦୁର୍ବୃତ୍ତ

ବାଲିକୁଦା,୬।୧୨(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଞ୍ଚଳର ଏକ ଶିଶୁ ମନ୍ଦିରରୁ ବୁଧବାର ପାଠ ପଢ଼ି ଫେରିବା ବାଟରୁ ଜଣେ ଛାତ୍ରଙ୍କୁ ରାସ୍ତା ମଝିରୁ ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଅପହରଣର ଶିକାର ହୋଇଥିବା ଛାତ୍ର ଜଣକ ହେଉଛନ୍ତି ଓଷକଣା ଗାଁର ସୁମନ୍ତ ସ୍ୱାଇଁଙ୍କ ପୁଅ ସୌମିକ। ସୌମିକ ସ୍ଥାନୀୟ ଶିଶୁ ମନ୍ଦିରର ବୋଧ ଶ୍ରେଣୀରେ ପାଠ ପଢ଼ନ୍ତି। ସବୁଦିନ ପରି ସୌମିକ ସ୍କୁଲ ଆସି ଫେରୁଥିବା ବେଳେ ଶୋଭା ନଈବନ୍ଧ ଛକଠାରେ କେତେଜଣ ତାଙ୍କୁ ଟଣାଭିଡ଼ା କରୁଥିବା ଦେଖଣାହାରିଙ୍କଠାରୁ ଶୁଣିବାକୁ ମିଳିଛି, ଯେଉଁଥିରେ ସୌମିକଙ୍କ ସମ୍ପର୍କୀୟ ଲୋକ ଥିବା ଜାଣିବାକୁ ମିଳିଛି। ସୌମିକ ନିଜ ବ୍ୟବସ୍ଥାରେ ସ୍କୁଲ ଆସନ୍ତି। ବୁଧବାର ମଧ୍ୟ ନିଜ ଦାଦା ତାଙ୍କୁ ସ୍କୁଲରୁ ଘରକୁ ନେବାକୁ ବାଇକ୍ ଧରି ଆସିଥିଲେ। ସୌମିକ ଦାଦାଙ୍କ ବାଇକ୍‌ରେ ବସି ସ୍କୁଲ ମୁଖ୍ୟ ଫାଟକ ଡେଇଁ ତିହୁଡ଼ି ନହରଣା ରାସ୍ତାର ଶୋଭା ତାରିଣି ଗଡ଼ା ନିକଟରେ ହେବା କ୍ଷଣି ବାଇକ୍‌କୁ ଅଟକାଇ ସୌମିକଙ୍କୁ ନେଇ ଯିବାକୁ ସମ୍ପର୍କୀୟ ଟଣାଭିଡ଼ା କରିଥିଲେ। ହେଲେ ସେଠାରେ ଅନ୍ୟ ପିଲାଙ୍କ ଅଭିଭାବକ ଥିବା ଓ ପିଲାକୁ ନେଇଯିବା ସହଜ ନ ହେବାରୁ ଦୁର୍ବୃତ୍ତମାନେ ସେଠାରୁ ଅଳ୍ପ ଦୂର ଚାଲି ଯାଇ ନଈବନ୍ଧ ଛକଠାରେ ଜଗିରହି ସେଠାରୁ ସୌମିକଙ୍କୁ ଦାଦାଙ୍କ ପାଖରୁ ଭିଡ଼ି ନେଇଥିଲେ। ସୌମିକଙ୍କ ପରିବାର ଲୋକ ପୋଲିସର ସହାୟତା ଲୋଡ଼ିଥିଲେ। ପୋଲିସ ପହଞ୍ଚି ସୌମିକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଏନେଇ ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ସୌମିକଙ୍କ ପରିବାର ପକ୍ଷରୁ ଏତଲା ଦିଆଯାଇଛି।

### କୃଷ୍ଣଚନ୍ଦ୍ରପୁରରେ ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର

ଏରସମା, ୬।୧୨ ( ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ରକ୍ତଦାନ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଇଂ. ଶ୍ୟାମସୁନ୍ଦର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଶହୀଦ ଚାରିଟେବଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଲୋକନାଥ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଶିବିରକୁ ଉପଜିଲାପାଳ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଦିବାକର ପାତ୍ର, ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଦଳାଇ, ପୂର୍ବତନ ସରପଞ୍ଚ ସରୋଜ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ସୁକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଆୟୋଜକ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ମେଡିକାଲ କଲେଜ
# ଜଗତ୍‌ସିଂହପୁରରେ ହଁ, ନିଁପୁରରେ ନା
## ଆନ୍ଦୋଳନ ତେଜିଲା, ବନ୍ଦ ପାଳନ ଆଜି

ଜଗତ୍‌ସିଂହପୁର, ୬।୧୨
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ କିଛି ଦିନ ହେଲା ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବି ଜୋର ଧରିଛି। ରାଜ୍ୟର ଅନେକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଉଥିବା ବେଳେ ଜଗତ୍‌ସିଂହପୁରକୁ କାହିଁକି ଉପେକ୍ଷା କରାଯାଉଛି ବୋଲି ପ୍ରଶ୍ନ ହେଉଛି। ତେବେ ରାଜ୍ୟ ସରକାର ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ନିଁପୁରଠାରେ ମେଡିକାଲ କଲେଜ ପ୍ରତିଷ୍ଠା ସହ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର ଜଗତ୍‌ସିଂହପୁରରୁ ଅନ୍ୟତ୍ର ସ୍ଥାନାନ୍ତର ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ଭାବେ ଘୋଷଣା କରି ଶଯ୍ୟା ସଂଖ୍ୟା ୫୦୦କୁ ବୃଦ୍ଧି ପାଇଁ ଦାବି ହୋଇଛି। ଏ ନେଇ ଏକାଧିକ ବୈଠକ ଓ ଧାରଣା ହୋଇଥିଲେ ସୁଦ୍ଧା କିଛି ଫଳ ମିଳିପାରିନାହିଁ। ଏହାର ପ୍ରତିବାଦରେ ଗୁରୁବାର ସକାଳୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଜଗତ୍‌ସିଂହପୁର ସହର ବନ୍ଦ ପାଇଁ ଜିଲା ସ୍ୱାସ୍ଥ୍ୟ ସୁରକ୍ଷା ଅଭିଯାନ ପକ୍ଷରୁ ଡାକରା ଦିଆଯାଇଛି। କିନ୍ତୁ ଅଭିଯାନର ଏହି ଡାକରାକୁ ସ୍ଥାନୀୟ ଅଞ୍ଚଳର ଅନେକ ଲୋକ ବିରୋଧ କରିଛନ୍ତି।

ଜଗତ୍‌ସିଂହପୁର ଥାନା ଛକରେ ୫ ତାରିଖରେ ପ୍ରତିବାଦ ହୋଇଥିଲା। ସେମାନଙ୍କ ଯୁକ୍ତି ହେଲା ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ହେଉଥିବା ଦାବି ସ୍ୱାଗତଯୋଗ୍ୟ। କିନ୍ତୁ ନିଁପୁରଠାରେ ଏହା କରାଯିବା ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହେଁ। କାରଣ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଏହାକୁ ଲାଗି ରହିଥିବା ସରକାରୀ ଜମି ପରିମାଣ ପାଖାପାଖି ୧୪ ଏକର ହେବ। ମେଡିକାଲ କଲେଜ ପାଇଁ ଏହି ଜମି ପର୍ଯ୍ୟାପ୍ତ। ଗମନାଗମନ ଓ ଅନ୍ୟ ଦୃଷ୍ଟିରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତ୍ୟହ ଜିଲାର ବିଭିନ୍ନ ପ୍ରାନ୍ତରୁ ରୋଗୀ ସୁବିଧାରେ ଆସି ପାରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରାଗଲେ ପ୍ରତ୍ୟେକ ଉପକୃତ ହୋଇପାରିବେ। ନିଁପୁର ଏକ ମଫସଲ ଅଞ୍ଚଳ ଏବଂ ସେଠାକୁ ଆବଶ୍ୟକ ଗମନାଗମନ ସୁବିଧା ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ୫ କିଲୋମିଟରରୁ ଅଧିକ ଦୂର। ଆନ୍ଦୋଳନର ନେତୃତ୍ୱ ନେଉଥିବା କେତେଜଣ ଆଗଧାଡିଆ ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନିଁପୁରଠାରେ ମେଡିକାଲ କଲେଜ କରାଯାଉ ବୋଲି ଦାବି ହେବା ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷେ ୨୦୧୮ରେ ରାଜ୍ୟ ସରକାର ରାଜ୍ୟର ୨୦ଟି ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ତାଲିକାରୁ ଜଗତ୍‌ସିଂହପୁର ଜିଲାକୁ ବାଦ୍ ଦିଆଯାଇଥିବାରୁ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏ ପରିସ୍ଥିତିରେ ସେତେବେଳେ ବରିଷ୍ଠ ବିଜେଡି ନେତା, ମନ୍ତ୍ରୀ, ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ଦାସ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଭେଟି ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କରାଯାଉ ବୋଲି ଯୁକ୍ତି ରଖିଥିଲେ। ମନ୍ତ୍ରୀ ଜେନା ମଧ୍ୟ ଏହାର ପ୍ରାସଙ୍ଗିକତା ହୃଦୟଙ୍ଗମ କରି ଆଗାମୀଦିନରେ ଜଗତ୍‌ସିଂହପୁର ଜିଲାରେ ଏହି ହସ୍ପିଟାଲ କରାଯିବ ବୋଲି ଘୋଷଣା କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ଏହା ହୋଇପାରିଲା ନାହିଁ। ତେଣୁ ଜିଲାରେ ତୁରନ୍ତ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କରାଯିବା ସହ ମେଡିକାଲ କଲେଜ ପ୍ରତିଷ୍ଠା ହେଉ ବୋଲି ଏହି ବ୍ୟକ୍ତିମାନେ ଦାବି ରଖିଛନ୍ତି। ତେବେ ଏହି ଲୋକମାନଙ୍କ ଯୁକ୍ତି ଅନିଭବ କରି ଅଭିଯାନ ପକ୍ଷରୁ ନିଷ୍ପତ୍ତି ବଦଳା ଯାଇଛି। ଏଣିକି ନିଁପୁର ନୁହେଁ ଜଗତ୍‌ସିଂହପୁରରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉ ବୋଲି ଦାବିରେ ସଂଶୋଧନ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ରାଜ୍ୟର ୧୪୭ଟି ହସ୍ପିଟାଲର ଉନ୍ନତିକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। କଳାହାଣ୍ଡି, ତାଳଚେର, ଯାଜପୁର ଏବଂ କନ୍ଧମାଳ ଜିଲାରେ ନୂଆ ମେଡିକାଲ କଲେଜ ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏହାବାଦ୍ ଅନୁଗୋଳ, ବରବିଲ, ଝାରସୁଗୁଡ଼ା ଏବଂ ଭଦ୍ରକରେ ପିପିପି ମୋଡରେ ସ୍ପେଶିଆଲିଟି ସୁବିଧା ଯୋଗାଇ ଦେବା ପାଇଁ ଯୋଜନା ରଖାଯାଇଛି। ଆମ ହସ୍ପିଟାଲ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୭୫୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ୨୦୧୭ରୁ ଏପର୍ଯ୍ୟନ୍ତ ଘୋଷଣା ହୋଇଥିବା ଏବଂ ପ୍ରସ୍ତାବ ରହିଥିବା କେତେକ ନୂଆ ମେଡିକାଲ କଲେଜ ଗୁଡ଼ିକ ହେଲା, ୨୦୨୩ରେ ସରକାରୀ ମେଡିକାଲ କଲେଜ ଭବାନୀପାଟଣା, ୨୦୨୨ରେ ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, କେନ୍ଦୁଝର, ୨୦୨୨ରେ ସରକାରୀ ମେଡିକାଲ କଲେଜ, ସୁନ୍ଦରଗଡ଼, ୨୦୨୧ରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ, ପୁରୀ, ୨୦୧୮ରେ ଭୀମଭୋଇ ମେଡିକାଲ କଲେଜ, ବଲାଙ୍ଗୀର, ୨୦୧୮ରେ ଫକୀର ମୋହନ ମେଡିକାଲ କଲେଜ, ବାଲେଶ୍ୱର, ୨୦୧୭ରେ ପିଟି ରଘୁନାଥ ମୁର୍ମୁ ମେଡିକାଲ କଲେଜ, ମୟୂରଭଞ୍ଜ, ୨୦୧୭ରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କୋରାପୁଟ ହୋଇଛି।

## ନାଉଗାଁ ବ୍ଲକ ମିଶନ ଶକ୍ତି ପକ୍ଷରୁ ଋଣମେଳା



ଋଣ ପ୍ରଦାନ ମେଳାରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

ନାଉଗାଁ, ୬।୧୨(ସୁଧା ବେହୁରା)

ନାଉଗାଁ ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ଋଣମେଳା ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତିର ନାଉଗାଁ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଶଶାଙ୍କ ଶେଖର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଦଳର ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଉକ୍ତ ମେଳାକୁ ଉଦ୍‌ଘାଟନ କରିଥିଲେ। ଗାଁ ଗହଳିର ମହିଳାମାନେ ସ୍ୱୟଂ ସହାୟିକା ଦଳ ମାଧ୍ୟମରେ ନିଜର ଆର୍ଥିକ ଉନ୍ନତି କରିବା ସହ ପରିବାରର ଆର୍ଥିକ ଦିଗରେ ସହାୟକ ହୋଇ ପାରିଛନ୍ତି। ମହିଳାମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେଲେ ପରିବାର ସହ ରାଜ୍ୟ, ଦେଶ ଆଦି ସୁଦୃଢ଼ ହୋଇପାରିବ। ସ୍ୱୟଂ ସହାୟିକା ଦଳ ମାଧ୍ୟମରେ ମହିଳାମାନେ ବିଭିନ୍ନ ପ୍ରକାର ଜିନିଷ ଆମଦାନୀ ଓ ରପ୍ତାନି କରି ପାରୁଛନ୍ତି। ରୋଜଗାର କ୍ଷେତ୍ରରେ ବର୍ତ୍ତମାନ ମହିଳା ସ୍ୱାବଲମ୍ବୀ ହେବା ସହ ପୁରୁଷମାନଙ୍କ ସମକକ୍ଷ ହୋଇପାରିଛନ୍ତି। ସାମାଜିକ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ମହିଳାମାନେ ଅଂଶୀଦାର ଥିବା ବେଳେ ବହୁ କ୍ଷେତ୍ରରେ ଅଗ୍ରଣୀ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟ ଅତିଥି ବିଧାୟକ ମୁଦୁଲି ମେଳାରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ବିଡିଓ ତପନ ମହାପାତ୍ର, ସିଡିପିଓ ବାସନ୍ତୀ ମାଇନ ଯୋଗଦେଇ ଋଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସ୍ୱୟଂ ସହାୟିକା ଦଳକୁ ଚେକ୍ ପ୍ରଦାନ କରିଥିଲେ। ବ୍ଲକର ସମୁଦାୟ ୨୦୮ଟି ସ୍ୱୟଂ ସହାୟିକା ଦଳକୁ ୮ କୋଟି ୨୧ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଶେଷରେ ମିଶନ ଶକ୍ତିର ବ୍ଲକସ୍ତରୀୟ ସଂଯୋଜକ ଦିଲୀପ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସଚେତନତା କାର୍ଯ୍ୟକ୍ରମ



ସଡ଼କ ସପ୍ତାହ ଅବସରରେ ଉପସ୍ଥିତ ଅତିଥିମାନେ।

କୁଜଙ୍ଗ,୬।୧୨ (ମନୋଜ ପ୍ରଧାନ)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବୁଧବାର କୁଜଙ୍ଗ ପଞ୍ଚାୟତ ସମିତି ସଭା ଗୃହରେ ଜଗତ୍‌ସିଂହପୁର ଜିଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଓ ସ୍ୱତନ୍ତ୍ର ଅତିଥି ରୂପେ ଉପାୟୁକ୍ତ ବାଣିଜ୍ୟ ପରିବହନ ବିଭାଗ ଓଡ଼ିଶା ସରକାର ବିରଞ୍ଚି ନାରାୟଣ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ସଡ଼କ ଦୁର୍ଘଟଣାରେ ପ୍ରତିଦିନ ମୃତ୍ୟୁ ମୁଖରେ ପଡୁଥିବା ଲୋକଙ୍କ ଜୀବନ କିପରି ରକ୍ଷା ପାଇବ ଏବଂ ଦୁର୍ଘଟଣାକୁ କିପରି ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

ବିଶେଷ କରି ସଡ଼କ ଦୁର୍ଘଟଣାରୁ କିପରି ରକ୍ଷା ମିଳିବ ସେ ନେଇ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପାୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀ, ଡା. ବିଶ୍ୱଜିତ ମହାନ୍ତି କହିଥିଲେ। ଘରୁ ବାହାରିଲା ବେଳେ ମା'ମାନେ ନିଜର ପୁଅ ଝିଅ, ସ୍ୱାମୀଙ୍କୁ ହେଲମେଟ ପିନ୍ଧି, ସିଟ ବେଲ୍ଟ ବାନ୍ଧି ଓ ଧୀର ଭାବେ ବାମପାର୍ଶ୍ୱରେ ଗାଡ଼ି ଚଳାଇବା ପାଇଁ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଂଜନ ଦାଶ କହିଥିଲେ, ଦୁଇ ଚକିଆ ଯାନ ଚଳାଇବାବେଳେ ହେଲମେଟ ବ୍ୟବହାର, ଚାରିଚକିଆ ଯାନ ଚଳାଇବାବେଳେ ସିଟ ବେଲ୍ଟ ବ୍ୟବହାରକୁ ଗୁରୁତ୍ୱ ଦେବା ସହ ନିଶାଶକ୍ତ ଅବସ୍ଥାରେ ଓ ମୋବାଇଲ ଫୋନ ଗାଡ଼ି ଚଳାଇବାବେଳେ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ନାବାଳକମାନଙ୍କୁ ଯଦି ଗାଡ଼ି ଚଳାଇବାକୁ ଅଭିଭାବକ ସୁଯୋଗ ଦିଅନ୍ତି ତେବେ ସେମାନଙ୍କୁ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ। କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକର ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା, ବାଗୋଇ ସରପଂଚ ପ୍ରଭାଞ୍ଜଳି ସେଠୀ ଓ ମିଶନ ଶକ୍ତିର କେତେଜଣ ସିଆର୍‌ପି ଉପସ୍ଥିତ ଥିଲେ। ଯାହାକୁ ନେଇ ସଭା ପ୍ରାରମ୍ଭରେ କିଛି ସମୟ ପାଇଁ ହଟଗୋଳ ସୃଷ୍ଟି ହୋଇଥିଲା। ବାସ୍ତବରେ ଯେଉଁ ବ୍ୟକ୍ତିମାନେ ଦେବଦୂତ ସାଜି ସଡ଼କ ଦୁର୍ଘଟଣା ବେଳେ ଜୀବନକୁ ବାଜି ଲଗାଇ ଦୁର୍ଗତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣୁଛନ୍ତି ସେମାନଙ୍କୁ ଡକାଯାଇ ନ ଥିଲା। ମଦର ଟେରେସା ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ସୁନାକର ବେହେରା ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାଣିକୋଇଲି,୬।୧୨(ବିକାଶ ମଲ୍ଲିକ)

ପାଣିକୋଇଲି ଗ୍ରାମ ବାଲିଦାଣ୍ଡ ସାହିର ୯ମ ବାର୍ଷିକ ରାଜ୍ୟସ୍ତରୀୟ ବାବା ଅବାନାଶୀ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆଞ୍ଚଳିକ ସ୍ତର ଓ ରାଜ୍ୟ ସ୍ତର ଦୁଇ ଭାଗରେ ଖେଳ ହୋଇଥିଲା। ଆଞ୍ଚଳିକସ୍ତରରେ ଫାଇନାଲ ମ୍ୟାଚ ଗଣପତି(ଏ) ବନାମ ମା' ହର୍ତ୍ତାଶୁଣୀ ବରେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରେଇକୁ ହରାଇ ଗଣପତି ୩୪-୨୧ରେ ବିଜୟୀ ହୋଇଥିଲା। ସେହିପରି ରାଜ୍ୟସ୍ତର ଖେଳରେ କଟକ ବନାମ ପୁରୀ ଦାଣ୍ଡମୁକୁନ୍ଦପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଦାଣ୍ଡମୁକୁନ୍ଦପୁରକୁ ହରାଇ କଟକ ୨୦-୧୯ରେ ଚାମ୍ପିୟନ ହୋଇଥିଲା। ସତ୍ୟ ପ୍ରକାଶ ଦାସ, ସୂର୍ଯ୍ୟମଣି ପଣ୍ଡା, ମୁନ୍ନା ମହାପାତ୍ର, ଶିବାନନ୍ଦ ମିଶ୍ର ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ରେଫରି ଭାବେ କୃଷ୍ଣଚନ୍ଦ୍ର ପଣ୍ଡା, ମନୋସିନୀ ସାହୁ, ପ୍ରଦୀପ ସାହୁ, ରମେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିବାବେଳେ ଆନନ୍ଦ ରଣା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବାବା ଅବିନାଶୀ କବାଡ଼ି କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତୈଳ ବିଶୋଧନାଗାର ପକ୍ଷରୁ ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ସହାୟତା




ନାଉଗାଁ, ୬।୧୨(ସୁଧା ବେହୁରା)

ପାରାଦୀପ ତୈଳ ବିଶୋଧନାଗାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ମଙ୍ଗଳବାର ନାଉଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ବିଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ଯୋଗାଇବା ପାଇଁ ୱାଟରକୁଲର ସହ ଆଲମିରା ଯୋଗାଇ ଦିଆଯାଇଛି। ବ୍ଲକର ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ମୁଗେଇ ଜାମୁଗାଁ ପ୍ରାଥମିକ ବିଦ୍ୟାଳୟ, ଛତିଆନା ପ୍ରାଥମିକ ବିଦ୍ୟାଳୟକୁ ପାନୀୟ ଜଳର ସମସ୍ୟାରେ ସୁଧାର ଆଣିବା ପାଇଁ ୱାଟର୍‌କୁଲର ଯୋଗାଇ ଦିଆଯାଇଛି। କଣ୍ଟୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ନନ୍ଦିଗ୍ରାମ ଉଚ୍ଚ ବିଦ୍ୟାଳୟ, ବଣୋପଡ଼ା ପ୍ରାଥମିକ ବିଦ୍ୟାଳୟକୁ ଗୋଦ୍‌ରେଜ ଆଲମିରା ଯୋଗାଇ ଦିଆଯାଇଛି। ବିଶୋଧନାଗାର ପକ୍ଷରୁ ବିଦ୍ୟାଳୟଗୁଡିକୁ ସହାୟତା ଯୋଗାଇ ଦିଆଯାଇଥିବାରୁ ବିଦ୍ୟାଳୟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର ସହଯୋଗ କରିଥିଲେ।

## ଏରସମାରେ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା

ଏରସମା,୬।୧୨(ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଭିତରଅନ୍ଧାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ଭାଜପା ଯୁବନେତା ସତ୍ୟ ସାରଥି ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଯାତ୍ରାରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ସଙ୍କଳ୍ପ ଯାତ୍ରାର ଏରସମା ବ୍ଲକ ସଂଯୋଜକ ଅମରେନ୍ଦ୍ର ଦଳାଇ, ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, କାର୍ଯ୍ୟକ୍ରମର ଜିଲା ସଂଯୋଜକ ଟୁକୁନା ରାଉତ, କୃଷକ ମୋର୍ଚ୍ଚାର ଜିଲା ସଭାପତି ତପନ ବେହେରା, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି କାଳନ୍ଦି ମାଝି, ମାଧବାନନ୍ଦ ମାଝି, ସୁଦାମ ପରିଡ଼ା ପ୍ରମୁଖ ଉପସ୍ଥିତ ହୋଇ ପଞ୍ଚାୟତ ପରିକ୍ରମା କରି ସାଧାରଣ ଜନତାଙ୍କୁ ସାକ୍ଷାତ୍ କରିଥଲେ। ପଞ୍ଚାୟତ ସମ୍ମୁଖରେ ଆୟୋଜିତ ସଭାରେ ଭାଜପା କର୍ମୀମାନେ ମୋଦି ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବୁଝାଇଥିଲେ। ସେହିପରି ଏହି କାର୍ଯ୍ୟକ୍ରମ କୁଞ୍ଜକୋଠି ପଞ୍ଚାୟତରେ କରାଯାଇଥିଲା।



ସଙ୍କଳ୍ପ ଯାତ୍ରାରେ ସାମିଲ ହୋଇଥିବା ଲୋକମାନେ।

## ବସୁନ୍ଧରା ପଟ୍ଟାଧାରୀଙ୍କୁ ମିଳୁନି ଜାଗା

ରଘୁନାଥପୁର,୬।୧୨(ରାଜେନ୍ଦ୍ର ନାରାୟଣ ସିଂହ)

■ ଗୁଆଳିପୁର ଆଦିବାସୀ ବସ୍ତିବାସିନ୍ଦାଙ୍କ ଅଭିଯୋଗ
■ ଝୁମ୍ପୁଡ଼ି ଘରେ ବିତୁଛି ଜୀବନ

ଭୂମିହୀନ ବ୍ୟକ୍ତିଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଘରଡିହ ଯୋଗାଇ ଦେଉଛନ୍ତି। ହେଲେ ତୃଣମୂଳ ସ୍ତରରେ ଏହା କେତେମାତ୍ରାରେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସରକାରଙ୍କ ବସୁନ୍ଧରା ଯୋଜନାରେ ରଘୁନାଥପୁର ତହସିଲ ଅନ୍ତର୍ଗତ ଗୁଆଳିପୁର ପଞ୍ଚାୟତ ୧୮ ନଂ. ୱାର୍ଡର କେତେଜଣ ଆଦିବାସୀ ପରିବାର ୧୨ବର୍ଷ ତଳୁ ଘରଡିହ ପାଇଁ ବସୁନ୍ଧରା ପଟ୍ଟା ପାଇଥିଲେ ସୁଦ୍ଧା ଅଦ୍ୟାବଧି ସେମାନଙ୍କୁ ଜାଗା ଚିହ୍ନଟ ହୋଇ ପାରିନାହିଁ। ଫଳରେ ପକ୍କାଘର ଖଣ୍ଡେ କରିବାକୁ ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯଦିବା ଆଶ୍ରୟ ନେଇଥିବା ସରକାରୀ ଜମିରେ ପକ୍କାଗୃହ ଖଣ୍ଡେ କରିବାକୁ ଉଦ୍ୟମ କରୁଛନ୍ତି ତାହା ହେଲେ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେଉଥିବା ଅନନ୍ତ ସୋରେନ କହିଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘବର୍ଷ ତଳୁ ଅନ୍ୟ ଜିଲାରୁ ଆସି ହଂସୁଆ ସଫେଇ ନିକଟବର୍ତ୍ତୀ ସରକାରୀ ଜମିରେ ୧୨ ଆଦିବାସୀ ପରିବାର ଝୁମ୍ପୁଡି କରି ରହି ଆସୁଛନ୍ତି। ଯେହେତୁ ଏହା ଏକ ନିମ୍ନଭୂମି ଅଞ୍ଚଳ ବର୍ଷାଦିନେ ବସ୍ତିଟି ପାଣି ଘେରରେ ବୁଡି ଯାଇଥାଏ। ଫଳରେ ବସ୍ତିବାସିନ୍ଦା ସ୍ଥାନୀୟ ସ୍କୁଲରେ ଆଶ୍ରୟ ନେଇଥାନ୍ତି। ସେହିପରି ବାତ୍ୟା, ବନ୍ୟା ସମୟରେ ମଧ୍ୟ ଅନୁରୂପ ଅବସ୍ଥା ଭୋଗିବାକୁ ପଡିଥାଏ ବୋଲି ହରି ସିଂ, ରାମ ହେମ୍ବ୍ରମ ଓ କୃଷ୍ଣ ସିଂ ପ୍ରକାଶ କରିଛନ୍ତି। ଘରଡିହ ପାଇଁ ପାଇଥିବା ୨ ଡିସିମିଲ ଜାଗା ଚିହ୍ନଟ ପାଇଁ ଅନେକ ଥର ସ୍ଥାନୀୟ ଆର୍‌ଆଇ ଓ ତହସିଲ ପ୍ରଶାସନକୁ ଅନୁରୋଧ କରିଥିଲେ ସୁଦ୍ଧା କେହି ସେମାନଙ୍କୁ ସହଯୋଗ କରୁନାହାନ୍ତି ବୋଲି ମିନାକ୍ଷୀ ସିଂ, ଗୁରୁବାରୀ ସିଂ, ରଶ୍ମି ସୋରେନ, ସୋମବାରୀ ସିଂ ଓ ପଦ୍ମାବତୀ ହେମ୍ବ୍ରମ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ବସ୍ତିବାସିନ୍ଦା ଏଠାକାର ମୂଳ ବାସିନ୍ଦା ନୁହନ୍ତି। ଦୀର୍ଘଦିନ ଧରି ଏଠାରେ ରହିବା ପରେ ସରକାର ଏମାନଙ୍କୁ ଘରଡିହ ଯୋଗାଇଦେଇଛନ୍ତି। ଏମାନଙ୍କୁ ଅନୁକରଣ କରି ଅନ୍ୟମାନେ ଆସି ଏଠାରେ ଝୁମ୍ପୁଡି ମାରି ରହିବା ଯୋଗୁଁ ପଞ୍ଚାୟତର ଗୋଚର, ଅନାବାଦୀ ଜମି ସଙ୍କୁଚିତ ହେଉଛି। ଫଳରେ ଗ୍ରାମରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି ବୋଲି ମୁରବୀ ଜ୍ଞାନରଞ୍ଜନ ପଟ୍ଟନାୟକ କହିଛନ୍ତି। ଏଣୁ କେବଳ ଘରଡିହ ପାଇଥିବା ଆଦିବାସୀ ପରିବାରଙ୍କ ଜାଗା ଚିହ୍ନଟ ବ୍ୟବସ୍ଥା କରିବା ପାଇଁ ବିନୋଦ କୁମାର ସେଠୀ, ଅବିନାଶ ପଟ୍ଟନାୟକ, ତପନ ମହାରଣା, ରାଜେଶ ପଟ୍ଟନାୟକ, ଅତୁଲ୍ୟ କୁମାର ସ୍ୱାଇଁ, ବିଶ୍‌ଜିତ ସ୍ୱାଇଁ ଓ ମାନସ ରଞ୍ଜନ ପଟ୍ଟନାୟକଙ୍କ ସହ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଭିପ୍ସା ପଟ୍ଟନାୟକଙ୍କୁ ପଚାରିବାରେ ଏନେଇ ଅବଗତ ନାହିଁ। ଲିଖିତ ଅଭିଯୋଗ ଆସିଲେ ବିଚାର କରାଯିବ ବୋଲି ସେ କହିଛନ୍ତି।


ଜମି ପଟ୍ଟା ପାଇଥିବା ଲୋକଙ୍କୁ ଜାଗା ଚିହ୍ନଟ ଦିଆଯାଇନାହିଁ।

## ସଂକ୍ଷେପରେ

### ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବୁଗୁଡା,୬।୧୨(କାଳି ଚରଣ ଦାଶ)

ଗଞ୍ଜାମ ଜତଲା ବୁଗୁଡା ବ୍ଲକ ଅନ୍ତର୍ଗତ ଡାକରଡ଼ା ଗାଁର ଜଣେ ଯୁବକ ଗୁଜରାଟର ସୁରଟ ସହରକୁ କାମ କରିବାକୁ ଯାଇଥିବା ବେଳେ ମଙ୍ଗଳବାର ତାଙ୍କର ଅକସ୍ମାତ ମୃତ୍ୟୁ ହୋଇଛି। ମୃତକ ହେଲେ ବଳରାମ ନାୟକ (୨୪)। ବଳରାମ ପ୍ରାୟ ୮ ବର୍ଷ ହେବ ନିଜ ପରିବାର ପ୍ରତିପୋଷଣ ପାଇଁ ସୁରଟ ଯାଇ ଏକ ସୂତାକଳରେ କାମ କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ହଠାତ୍ ତାଙ୍କ ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତେଣୁ ସାଙ୍ଗମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଗାଁରେ ପହଞ୍ଚିବା ପରେ ପରିବାର ଓ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଅର ଅକସ୍ମାତ ମୃତ୍ୟୁରେ ମା'ଙ୍କ ଆଖିରୁ ଲୁହ ଶୁଖୁନାହିଁ। ବଳରାମ ଜଣେ କଳାକାର, ସାମାଜିକ କର୍ମୀ ଓ ପରୋପକାରୀ ଯୁବକ ଥିଲେ। ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ଭାବେ ବିଭିନ୍ନ ଜନ ହିତକର କାର୍ଯ୍ୟ କରି ସେ ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହିତ ଘରକୁ ଯାଇ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

### ଏନ୍‌ସିସି ନାଭାଲ ଦିବସ ପାଳିତ

ଭଞ୍ଜନଗର,୬।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ ୱିଙ୍ଗ ପକ୍ଷରୁ ନାଭାଲ ଦିବସ ପାଳିତ ହୋଇଯାଇଛି। ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବିଭାସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଭାଲ୍ ଦିବସ ସମ୍ପର୍କରେ କହିଥିଲେ। ନାଭାଲ୍ ଅଫିସର ଡ. ରବୀନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କର୍ମଚାରୀ ନିଶାନ୍ତ ଆଦେନୀ, କାଳୀଚରଣ ତ୍ରିପାଠୀ, ପ୍ରଶାନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍ ସହ ଧକ୍କା ହୋଇ ବାଇକ୍ ଚାଳକ ମୃତ

ଧରାକୋଟ,୬।୧୨(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଥାନା ଅନ୍ତର୍ଗତ ବାହାଡ଼ା କେନାଲ ବ୍ରିଜ ସମ୍ମୁଖ ରାଜ୍ୟ ରାଜପଥ ଉପରେ ପାର୍କିଂରେ ଥିବା ଟ୍ରକକୁ ଧକ୍କା ଦେଇ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଦଳା ରେଙ୍ଗୁଡ଼ିପଲ୍ଲୀ ଗ୍ରାମର ମୁନା ବେହେରା। ମୁନା ତାଙ୍କ ଶାଳୀ ବାହାଘରରେ ଯୋଗ ଦେବାକୁ ଆସିକା ପଟୁ ବନ୍ଧାଗୁଡା ଗ୍ରାମକୁ ବାଇକ୍ (ଓଡ଼ି ୦୭ ଏ ୧୫୦) ଯାଉଥିଲେ। ବାହାଡ଼ାଗୁଡା ନିକଟ ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରକ ସହ ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ଆରୋହୀ ମୁନାଙ୍କ ମତ୍ୟୁ ଘଟିଥିଲା। ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇବାସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

### ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚର ପ୍ରସ୍ତୁତି ବୈଠକ

ଗଞ୍ଜାମ,୬।୧୨(ବିଦ୍ୟାଧର ସାହୁ)

ସ୍ଥାନୀୟ ଅଞ୍ଚଳରେ କଳାକାର ମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଓ କଳାର ବିକାଶକୁ ନେଇ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଆଗାମୀ ଜାନୁୟାରୀ ୨୬ ରେ ପରିବେଷଣ ହେବାକୁ ଥିବା ନାଟକ ନିମନ୍ତେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଏଲଏମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଶବର କୁମାର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଉତ୍ତମ ପାରିବାରିକ ନାଟକ ଚୟନ କରିବା ସହ ଯୁବ କଳାକାରଙ୍କୁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେବାକୁ ଆଲୋଚନା ହୋଇଥିଲା। ବୈଠକରେ ଉପଦେଷ୍ଟା ସୁଧୀର କୁମାର ପାଢ଼ୀ, ଉମାକାନ୍ତ ବେହେରା, ଉପସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ରାକେଶ କୁମାର ଦାସ, ପ୍ରଦୀପ କୁମାର ପଣ୍ଡା, ନୀଳାଞ୍ଚଳ ବାରିକ ପ୍ରମୁଖ ମଞ୍ଚ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ବର୍ଷା ଛାଡ଼ିଲେ ଫସଲ କ୍ଷୟକ୍ଷତି ଆକଳନ



ଜିଲାପାଳ ଓ ଅନ୍ୟମାନେ।

ଛତ୍ରପୁର,୬।୧୨(ସନ୍ତୋଷ ପାଢ଼ୀ): ବାତ୍ୟା 'ମିଗଜୋମ' ପ୍ରଭାବରେ ଗଞ୍ଜାମ ଜିଲାରେ ପାଗ କୋହଲା ରହିଥିଲା। ମଙ୍ଗଳବାରଠାରୁ ଜିଲାରେ ବର୍ଷା ଆରମ୍ଭ ହୋଇଛି। ଏଥି ପୂର୍ବରୁ ଜିଲାସ୍ତରରେ ଏକ ପ୍ରସ୍ତୁତି ବୈଠକ ଆଗତ କରି କୃଷିଜାତ ଦ୍ରବ୍ୟର ସୁରକ୍ଷା ନିମନ୍ତେ କୃଷି ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। ଯେଉଁ ଚାଷୀଙ୍କର ଧାନ କଟାଯାଇଛି ତାହା ବିଲରେ ଜମା ନ ରଖି ଉପଯୁକ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କରି ରଖିବାକୁ ପରାମର୍ଶ ଦିଆଯାଇଥିଲା। ତଥାପି କେତେକ ସ୍ଥଳରେ ଚାଷ କାର୍ଯ୍ୟ କ୍ଷୟକ୍ଷତି ହୋଇଥିବା ସମ୍ଭାବନା କରି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବୁଧବାର ଆଭାସୀ ବୈଠକରେ ସମସ୍ତ ଅଧିକାରୀମାନଙ୍କୁ କ୍ଷୟକ୍ଷତିର ଆକଳନ ଯାଞ୍ଚ କରି ରିପୋର୍ଟ ପ୍ରସ୍ତୁତ କରି ରଖିବାକୁ କହିଛନ୍ତି। ଏହା ବାଦ୍ କମ ବର୍ଷା ଯୋଗୁଁ ମଧ୍ୟ ଜିଲାର କେତେକ ସ୍ଥାନରେ ଚାଷ କାର୍ଯ୍ୟର କ୍ଷୟକ୍ଷତି ଘଟିଛି। ଏହି ସମସ୍ତ ତଥ୍ୟ ଆକଳନ କରି ରିପୋର୍ଟ ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଭରଣା କରିବା ନିମନ୍ତେ ନିର୍ଦ୍ଦେଶ ପାଇବା ପରେ ପଦକ୍ଷେପ ଗ୍ରହଣ କରାଯିବ। ୫-ଟି ଅନ୍ତର୍ଗତ ଜିଲାରେ ଚାଲିଥିବା ଆମ କଲେଜର ସ୍ମାର୍ଟ କ୍ଲାସ, ଶୌଚାଳୟ, ପାଠାଗାର ଇତ୍ୟାଦିର କାର୍ଯ୍ୟ ଫେବୃୟାରୀ ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଯେଉଁ ମହାବିଦ୍ୟାଳୟଗୁଡିକରେ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯିବ ତାହାର ଟେଣ୍ଡର ପ୍ରକ୍ରିୟା ଶେଷ କରି କାର୍ଯ୍ୟ ଯେମିତି ଉତ୍ତମମାନର ହେବ ତାହା ମଧ୍ୟ ତଦାରଖ କରିବାକୁ କୁହାଯାଇଛି। ମୋ ସ୍କୁଲ କାର୍ଯ୍ୟକ୍ରମର ୪ର୍ଥ ପର୍ଯ୍ୟାୟ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଦେବବ୍ରତ ସାହୁଙ୍କ ସମେତ ତିନି ଗୋଟି ଉପଖଣ୍ଡର ଉପଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ।

### କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ

ଛତ୍ରପୁର (ଦିଲ୍ଲୀପ ସାମଲ): ଛତ୍ରପୁର ବ୍ଲକର ହେକ୍ଟର ହେକ୍ଟର ଧାନ କ୍ଷେତଗୁଡିକରେ ବର୍ଷା ପାଣି ଜମିରହିଛି। ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ କ୍ଷେତରେ ପାଣି ଜମିବା ସହିତ ଧାନଗଛ ପଡିଯାଇଥିବା ଦେଖିବାକୁ ମଧ୍ୟ ମିଳିଛି। ବ୍ଲକର କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ଏହାସହିତ ଚାଷୀମାନେ କିପରି ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ କରିପାରିବେ ସେଥିନିମନ୍ତେ ସଚେତନ କରିଛନ୍ତି ଏବଂ କଟା ହୋଇଥିବା ଧାନଗୁଡିକ ସୁରକ୍ଷିତ ସ୍ଥାନରେ ରଖିବା ନିମନ୍ତେ ମଧ୍ୟ ସେମାନେ ଚାଷୀମାନଙ୍କୁ କହିଛନ୍ତି। ଏହି ପରିଦର୍ଶନ ବେଳେ ଛତ୍ରପୁର ଗୋଷ୍ଠୀ କୃଷି ଅଧିକାରୀ ସନମାର୍ଗ କର, ସହକାରୀ କୃଷି ଅଧିକାରୀ ନିରୁ ନିକୁଞ୍ଜ ବିହାରୀ ନାୟକ, ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ, ନିହାରିକା ପଣ୍ଡା ଓ ମୌସୁମୀ ବେହେରା ପ୍ରମୁଖ ଚାଷ ଜମି ବୁଲି ଦେଖିଛନ୍ତି।

## ବିଳମ୍ବିତ ବୃଷ୍ଟି ସହ ବାତ୍ୟା, ଚାଷୀକୁଳ ସର୍ବସ୍ୱାନ୍ତ

ପାରଳାଖେମୁଣ୍ଡି,୬।୧୨ (ଗିରିଧାରୀ ପରିଛା): ବାତ୍ୟା 'ମିଗ୍‌ଜମ' ପ୍ରଭାବରେ ମଙ୍ଗଳବାର ରାତିରେ ଗଜପତି ଜିଲାରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ ଅନେକ ଜାଗାରେ କ୍ଷେତରେ ଧାନ ଗଛ ନଇଁ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଚଳିତ ଥର ବିଳମ୍ବ ବୃଷ୍ଟି ସହ ନିଅଣ୍ଟିଆ ବର୍ଷା ଯୋଗୁଁ ମରୁଡି ସ୍ଥିତି ଉପୁଜିଥିଲା। ଏବେ ବାତ୍ୟା ପ୍ରଭାବରେ ବର୍ଷା ଯୋଗୁଁ ଫସଲ ନଷ୍ଟ ଚାଷୀକୁଳକୁ ଶକ୍ତ ଆଘାତ ଲାଗଛି। ପୂର୍ବରୁ ଯେଉଁ ଚାଷୀ ଧାନ ଅମଳ କରିଥିଲେ ସେମାନେ ବିଭିନ୍ନ ସ୍ଥାନରେ ନିଜର ଉତ୍ପାଦିତ ଶସ୍ୟକୁ ଘୋଡାଇ ବିଭିନ୍ନ ଜାଗାରେ ସାଇତି ରଖିଛନ୍ତି। କିନ୍ତୁ ଅଧିକାଂଶ ଚାଷ ଜମିରେ ଫସଲ କଟାଯାଇନାହିଁ। ବର୍ଷା ଯୋଗୁଁ ଅଧିକାଂଶ ଚାଷ ଜମିରେ କ୍ଷତି ହୋଇଛି। ପାଣିରେ ଭିଜି ପାଚିଲା ଧାନ ନଷ୍ଟ ହୋଇଛି। ଆଗକୁ ଅମଳ ଧାନ ସରକାର ନେବା ସମୟରେ ଧାନର ମାନକୁ ନେଇ ଚିନ୍ତାରେ ଚାଷୀ। ସେପଟେ ଧାର, କରଜ କରି ଧାନ ଚାଷ କରିଥିବା ଭାଗ ଚାଷୀ, କ୍ଷୁଦ୍ର ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବର୍ଷା ଜନିତ ନଷ୍ଟ ହୋଇଥିବା ଧାନ ଚାଷ, ମକା ଚାଷ ଓ କପା ଚାଷରୁ କିଛି ବି ଆଦାୟ ହେବା ଆଶା ଦେଖାଯାଉନାହିଁ। ତେଣୁ ସରକାରୀ ସହାୟତା ଏକମାତ୍ର ଭରସା ବୋଲି ଚାଷୀ ହରେକୃଷ୍ଣ ବେହେରା, ଟି ସମେଶୁ, ଟି ରବିକୁମାର, କେଦାର ପାତ୍ର, ଦୁର୍ଯ୍ୟୋଧନ ବରାଡ ପ୍ରମୁଖ କହିଛନ୍ତି। ତେବେ ଚାଷୀଙ୍କ ଯାହା କ୍ଷୟକ୍ଷତି ହୋଇଛି, ତାହାର ଆକଳନ କରି ସରକାରଙ୍କୁ ରିପୋର୍ଟ ଦିଆଯିବ। ପରେ ସରକାର ତାହାର ନିଷ୍ପତି ନେବେ ବୋଲି କହିଛନ୍ତି ଜିଲ୍ଲା କୃଷି ଅଧିକାରୀ ବଳରାମ ସୁବୁଦ୍ଧି।

## ନବନିର୍ବାଚିତ ଏନ୍‌ଏସି ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ନବନିର୍ବାଚିତ ଏନଏସି ଅଧକ୍ଷା ଦେବସ୍ମିତା ଶତପଥୀ କାର୍ଯ୍ୟଭାର ଗ୍ରହଣ କରୁଛନ୍ତି।

ଜି.ଉଦୟଗିରି,୬।୧୨(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍‌ଏସିର ନବନିର୍ବାଚିତ ଅଧକ୍ଷା ଦେବସ୍ମିତା ଶତପଥୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନ୍‌ଏସି ସଭା ଗୃହରେ ଅନୁଷ୍ଠିତ ସଭାରେ ଉପାଧକ୍ଷ ସନ୍ତୋଷ କୁମାର ବାଘ, କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ସମେତ କାଉନସିଲର ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ସଙ୍ଗୀତା ନାୟକ, ନିଶାରାଣୀ ନାୟକ, ଦୀପକ କୁମାର ନାୟକ, ଲକ୍ଷ୍ମୀପ୍ରିୟା ପରିଛା, ମୋନାଲିଶା ଦଳବେହେରା, ନନ୍ଦିତା ପ୍ରଧାନ, ଯାକେଶ କୁମାର ପ୍ରଧାନ ଓ ବିଧାୟକ ପ୍ରତିନିଧି ଅନୀଲ କୁମାର ଦଳବେହେରା ଉପସ୍ଥିତ ରହି ନୂତନ ଅଧକ୍ଷାଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ଏନ୍‌ଏସି କର୍ମଚାରୀମାନେ ମଧ୍ୟ ତାଙ୍କୁ ସ୍ୱାଗତ କରିଥିଲେ। ଅଧକ୍ଷା ଶତପଥୀ ସମସ୍ତଙ୍କ ସହଯୋଗରେ ଏନଏସି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ବିକାଶ କାମ କରିବେ ବୋଲି କହିଥିଲେ। ଜି.ଉଦୟଗିରି ବଜାର ବନ୍ଧର ଉନ୍ନତୀକରଣ ସହ ସହରର ସାମୂହିକ ବିକାଶ ତାଙ୍କର ପ୍ରାଥମିକତା ରହିବ ବୋଲି କହିଥିଲେ।

## ଗଞ୍ଜାମ ବିଇଓ ପାଇଲେ ଜାତୀୟ ସମ୍ମାନ

ଗଞ୍ଜାମ,୬।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରଣାଳୟ ତରଫରୁ ଆୟୋଜିତ ଦକ୍ଷ ଶିକ୍ଷା ପ୍ରଶାସନ ଓ ନୂତନ ଅଭିନବ ପ୍ରୟାସ ଜାତୀୟ ସମ୍ମାନ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ସମସ୍ତ ରାଜ୍ୟରୁ ଚୟନ ହୋଇଥିବା ୬୦ ଜଣ ଶିକ୍ଷାଧିକାରୀଙ୍କ ମଧ୍ୟରୁ ବେହେରାଙ୍କୁ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନର ଅଭିବୃଦ୍ଧି ପାଇଁ ତାଙ୍କରି ଦ୍ୱାରା ଆୟୋଜିତ ହେଉଥିବା ପଠନ, ଆବୃତ୍ତି ଓ ଲିଖନ କାର୍ଯ୍ୟକ୍ରମ ସହିତ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ନିମନ୍ତେ ଏହି ସମ୍ମାନ ମିଳିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ବିଇଓ ବେହେରା ଖଲ୍ଲିକୋଟ ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଓ ସାନଖେମୁଣ୍ଡି ବ୍ଲକ କଙ୍କେରଡ଼ା ନେହେରୁ ବହୁମୁଖୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଥିଲାବେଳେ ପିଲାଙ୍କ ମଧ୍ୟରେ ସର୍ଜନାତ୍ମକ ବିକାଶ ନିମନ୍ତେ ପ୍ରତି ଶନିବାର ଭାଷାକୁ ନେଇ ଖୋଲାମଞ୍ଚ ନାମକ ଏକ କାର୍ଯ୍ୟକ୍ରମ କରୁଥିଲେ, ଯାହାକି ବହୁତ ଆଦୃତ ହୋଇଥିଲା। ୨୦୨୧ ଡିସେମ୍ବରରେ ଗଞ୍ଜାମ ବ୍ଲକକୁ ଆସିବା ପରଠାରୁ ଖୋଲାମଞ୍ଚ କାର୍ଯ୍ୟକ୍ରମକୁ ପଠନ, ଆବୃତ୍ତି ଓ ଲିଖନ କାର୍ଯ୍ୟକ୍ରମ ନାମରେ ପ୍ରତ୍ୟେକ ବିଦ୍ୟାଳୟରେ ଜିଲା ଓ ବ୍ଲକ ଶିକ୍ଷା ପ୍ରଶାସନ ସହଯୋଗ ନେଇ ଆୟୋଜନ କରିଆସୁଛନ୍ତି। ଏହା ଭାରତ ସରକାରଙ୍କ ଦ୍ୱାରା ଚାଲୁଥିବା ଏଫ୍‌ଏଲ୍‌ଏନ୍ କାର୍ଯ୍ୟକ୍ରମରେ ସ୍ଥାନ ପାଇଛି। ଦିଲ୍ଲୀରେ ପୁରସ୍କୃତ ହେବା ପରେ ବ୍ଲକର ସିଆରସିସି, ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେବା ସହ ସର୍ଜନାତ୍ମକ ଦିଗରେ ସାହାଯ୍ୟ କରିଥିବା ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶିକ୍ଷକ ସଂଘର ସଞ୍ଜୟ କୁମାର ତରାଇ ଓ ଶିକ୍ଷକ ରଘୁନାଥ ସାହୁ ପ୍ରମୁଖ ବିଇଓ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ମାନିତ କରୁଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ

## ଅଜଣା ଜନ୍ତୁ ଆକ୍ରମଣରେ ୧୫ ଛେଳି ମୃତ

ଶେରଗଡ, ୬।୧୨ (ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ନିକଟସ୍ଥ ବାରସିଙ୍ଗି ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଜଣା ଜନ୍ତୁ ଆକ୍ରମଣରେ ୧୫ଟି ଛେଳିଙ୍କ ପ୍ରାଣହାନି ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟିହୋଇଛି। ମେହେଙ୍କାଳ ଗୌଡଙ୍କ ଗୁହାଳରେ ବହୁ ଛେଳି ରହିଥିବା ବେଳେ ସେଥିରୁ ୧୫ଟି ଛେଳିଙ୍କ ମୃତ୍ୟୁ ହୋଇଛି। ସବୁ ଛେଳିଙ୍କ ବେକରେ କାମୁଡ଼ା ଦାଗ ରହିଛି। ବୁଧବାର ସକାଳେ ମେହେଙ୍କାଳ ଉଠି ନିଜ ଗୁହାଳକୁ ଯିବା ପରେ ୧୫ଟି ଛେଳି ମରି ପଡିଥିବା ଦେଖିଥିଲେ। ଏନେଇ ସେ ଗୁହାଳ ଚାରିପାଖ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁରାକ ପାଇପାରିନଥିଲେ। କିଛି ଅଜଣା ଜନ୍ତୁ ରାତିରେ ଗୁହାଳରେ ପଶି ଛେଳିଙ୍କ ବେକକୁ କାମୁଡି ମାରିଥିବା ଅନୁମାନ କରାଯାଉଛି। ଏଣୁ ପ୍ରାଣୀସମ୍ପଦ ବିଭାଗ ତଦନ୍ତ କରି ସହାୟତା ପ୍ରଦାନ ପାଇଁ ମେହେଙ୍କାଳ ଦାବି କରିଛନ୍ତି।

## ହିଞ୍ଜିଳି ଥାନାର ୨ ହୋମ୍‌ଗାର୍ଡ ସମ୍ମାନିତ

ହିଞ୍ଜିଳିକାଟୁ,୬।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନାରେ କାର୍ଯ୍ୟରତ ୨ ହୋମଗାର୍ଡଙ୍କୁ ବୁଧବାର ହୋମଗାର୍ଡ ଦିବସରେ ଜିଲ୍ଲା ପୋଲିସ ପକ୍ଷରୁ ସମ୍ମାନିତ କରାଯାଇଛି। ହୋମଗାର୍ଡ ଉମାଚରଣ ସାହୁ ଓ ରୋହିତ କୁମାର ସ୍ୱାଇଁଙ୍କୁ ଛତ୍ରପୁର ଠାରେ ଗଞ୍ଜାମ ଏସପି ଜଗମୋହନ ମୀନା ପ୍ରଶଂସା ପତ୍ର ଓ ପଦକ ପ୍ରଦାନ କରିଥିଲେ। କଠିନ ପରିସ୍ଥିତିରେ ପରିଶ୍ରମ କରି ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ୨ ହୋମଗାର୍ଡଙ୍କୁ ହିଞ୍ଜିଳି ଥାନାରେ ଆଇଆଇସି ଶ୍ରୀନିବାସ ସେଠୀ ଓ ଅନ୍ୟ ପୋଲିସ ଅଧିକାରୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ୬୧ତମ ଗୃହରକ୍ଷୀ ବାହିନୀ ଦିବସ

ଛତ୍ରପୁର,୬।୧୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

**ଗଞ୍ଜାମ ପୋଲିସ ଜିଲାରେ ୫୩ ସମ୍ବର୍ଦ୍ଧିତ**

ଗଞ୍ଜାମ ଜିଲା ପୋଲିସ ମୁଖ୍ୟାଳୟ ପରେଡ଼ ପଡ଼ିଆରେ ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଯୋଗଦେଇ ୬୧ତମ ଗୃହରକ୍ଷୀ ବାହିନୀ ଦିବସ ଅବସରରେ ଅନୁଷ୍ଠିତ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଛନ୍ତି। ହୋମଗାର୍ଡ ପରେଡ଼ କମାଣ୍ଡାଣ୍ଟ ଏସ. ପର୍ଶୁରାମ ରେଞ୍ଜୀ ପରେଡ଼ ପରିଚାଳନା କରିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ମାନସ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆନୁଷ୍ଠାନିକ ପରେଡ଼ ସମାପ୍ତି ପରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଗଞ୍ଜାମ ଜିଲାର ପୋଲିସ ବିଭିନ୍ନ ଥାନା ଅଞ୍ଚଳରେ ନିୟୋଜିତ କାର୍ଯ୍ୟ ନିଷ୍ଠାପରତା ଏବଂ ଦକ୍ଷତା ପ୍ରତିପାଦନ କରିଥିବା ୫୩ଜଣ ଗୃହରକ୍ଷୀଙ୍କୁ ଏସ୍‌ପି ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଦକ୍ଷତା ଭିତ୍ତିରେ ଅନ୍ୟୁନ ୮ଜଣ ଗୃହରକ୍ଷୀଙ୍କୁ ବୃତ୍ତିନାମା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଂଗ୍ରାମ କେଶରୀ ବେହେରା, ରଞ୍ଜିତ କୁମାର ପୃଷ୍ଟି ପ୍ରମୁଖ ବହୁ ପୋଲିସ ଅଧିକାରୀଗଣ ଯୋଗ ଦେଇଥିଲେ।



ଏସପିଙ୍କ ସହ ସମ୍ବର୍ଦ୍ଧିତ ପୋଲିସ କର୍ମଚାରୀ।

## ୪୨ ୟୁନିଟ ରକ୍ତ ସଂଗ୍ରହ

ଆସିକା,୬।୧୨(ସୁରେନ୍ଦ୍ର ନାଥ ସାହୁ)

ଏଚଡଏଫସି ବ୍ୟାଙ୍କ ଆସିକା ଶାଖା ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଏମପ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ ଯୋଗଦେଇ ବ୍ୟାଙ୍କର ଏଭଳି ମହତ କାର୍ଯକୁ ପ୍ରଶଂସା କରିଥିଲେ। ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସହକାରୀ ଶାଖା ପରିଚାଳକ କାଳୁ ଚରଣ ସାହୁଙ୍କ ନେତୃତ୍ୱରେ ବ୍ୟାଙ୍କ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ

ଛତ୍ରପୁର,୬।୧୨(ଦିଲିପ ସାମଲ): ଗଞ୍ଜାମ ଜିଲାର ଆଞ୍ଚଳିକ କୃଷି ତାଲିମ କେନ୍ଦ୍ରରେ ବିଶ୍ୱ ମୃତ୍ତିକା ଦିବସ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) ଶୁଭେନ୍ଦୁ କୁମାର ଦାଶ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ କନ୍ଧ ଜେନା, କୃଷି ବିଜ୍ଞାନ କେନ୍ଦ୍ର-୨ର ମୁଖ୍ୟ ବୈଜ୍ଞାନିକ ସୁଜିତ କୁମାର ନାଥ, ଆଞ୍ଚଳିକ କୃଷି ତାଲିମ କେନ୍ଦ୍ରର ପ୍ରିନ୍ସପାଲ ପ୍ରଦୀପ କୁମାର ନାୟକ, ସରପଞ୍ଚ ନମିତା ମହାକୁଡଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗଦେଇ ମୃତ୍ତିକା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୃତ୍ତିକାର ସୁରକ୍ଷା, ମୃତ୍ତିକାର ସ୍ୱାସ୍ଥ୍ୟ କାର୍ଡ ଆବଶ୍ୟକତା, ବିନିଯୋଗ ମୃତ୍ତିକା ସଂରକ୍ଷଣ ଏବଂ ମୃତ୍ତିକା ପରୀକ୍ଷା ଉପରେ ବିବରଣୀ ପ୍ରଦାନ କରାଯାଇଥିଲା। ଏହି ସବୁକୁ କାର୍ଯ୍ୟକାରୀ କରି ଚାଷୀମାନେ କିଭଳି ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମଙ୍କରଖୋଳର ଡି.ଭଗବାନ ଓ ପାଟପୁରର ସତ୍ୟନାରାୟଣଙ୍କୁ ସଫଳ ଚାଷୀଭାବେ ସମ୍ମାନିତ କରାଯାଇଥିଲା। ଏହାସହିତ ୩୦ଜଣ ଚାଷୀଙ୍କୁ ମୃତ୍ତିକା ସଂରକ୍ଷଣ ନିମନ୍ତେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଜିଲା କୃଷି କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ପ୍ରଣତୀ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ପାଳିତ



ଆସିକା,୬।୧୨ (ସୁରେନ୍ଦ୍ର ନାଥ ସାହୁ): ଗଞ୍ଜାମ ଜିଲା ଟ୍ରକ ମାଲିକ ସଂଘ ଆସିକା ଶାଖା ପକ୍ଷରୁ ସୋମବାର ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ସଂଘର କାର୍ଯ୍ୟାଳୟ ପରିସରରେ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳିତ ହୋଇଥିଲା। ଘରୋଇ ବସ ମାଲିକ ସଂଘ ସଭାପତି ସୂର୍ଯ୍ୟକାନ୍ତ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଆସିକା ସମବାୟ ଚିନିକଳର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ଭଞ୍ଜନଗର ଆଞ୍ଚିକ ପରିବହନ ଅଧିକାରୀ ଶୁଭେନ୍ଦୁରଞ୍ଜନ ରାୟ, ବରିଷ୍ଠ ସାମାଜିକ କର୍ମୀ ଶୁଳପାଣି ଶତପଥୀ, ଶିକ୍ଷାବିତ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆସିକା ଥାନା ଅଧିକାରୀ ସ୍ୱରୂପ କିସନ, ବସନ୍ତ ମଲିକ, ସଂଘର ସମ୍ପାଦକ ସନ୍ତୋଷ କୁମାର ପୋଲାଇ, ଟ୍ରକ ମାଲିକ ସଂଘ ସଭାପିତ ନିଗମାନନ୍ଦ ମହାନ୍ତି, ପରିବେଶବିତ ସଞ୍ଜୟ କୁମାର ନାୟକ ପ୍ରମୁଖ ମଞ୍ଚସୀନ ଥିଲେ। ଏହି ଅବସରରେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ହୋଇଥିବାରୁ ଦୁର୍ଘଟଣା ଜନିତ ମୃତ୍ୟୁ ବିରୁଦ୍ଧରେ ସମ୍ମିଳିତ ଉଦ୍ୟମ ଲାଗି ଆହ୍ୱାନ କରାଯାଇଥିଲା। ଟ୍ରାଫିକ ନିୟମକୁ କଡାକଡି ଭାବେ ପାଳନ କରି ଯାନବାହାନ ଚଳାଇବା ସହ ନିଜର ଓ ଅନ୍ୟର ଜୀବନକୁ ବିପଦମୁକ୍ତ କରିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ନିମନ୍ତେ ନିବେଦନ କରାଯାଇଥିଲା।

## ସଚେତନତା କମାଇଛି ଦୁର୍ଘଟଣାଜନିତ ମୃତ୍ୟୁ ହାର

ଭଞ୍ଜନଗର,୬।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି, ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ବୁଧବାର ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଗତବର୍ଷ ଅପେକ୍ଷା ଚଳିତବର୍ଷ ଭଞ୍ଜନଗର ଉପଖଣ୍ଡରେ ଦୁର୍ଘଟଣାଜନିତ ମୃତ୍ୟୁହାର କମିଛି। ୨୦୨୨ରେ ଭଞ୍ଜନଗର ଉପଖଣ୍ଡର ୧୨ଟି ଥାନା ଅଞ୍ଚଳରେ ୧୨୦ ଜଣଙ୍କ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଏବେ ସୁଦ୍ଧା ୭୯ ଜଣଙ୍କ ଜୀବନ ଯାଇଛି। ରାଜ୍ୟ ସରକାରଙ୍କ ଉଚିତ୍

**ଭଞ୍ଜନଗର ଉପଖଣ୍ଡ**

ପଦକ୍ଷେପ, ବିଭିନ୍ନ ବିଭାଗର ସହଯୋଗ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁଁ ମୃତ୍ୟୁହାର କମିଛି ବୋଲି ରାୟ କହିଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ପରିବହନ ନିୟମକୁ କଡାକଡି ଭାବେ ପାଳନ କରନ୍ତୁ। ରାସ୍ତାରେ ଦୁର୍ଘଟଣାରେ କେହି ଆହତ ହେଲେ ସାହାଯ୍ୟ କରନ୍ତୁ ବୋଲି ସେ କହିଥିଲେ। ସାମାଜିକ କର୍ମୀ ଶୂଳପାଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତ ମାଧ୍ୟମରେ ଛାତ୍ରୀ ଛାତ୍ରଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଅଧକ୍ଷ ରାଜେନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ପ୍ରାଧ୍ୟାପକ ବିଭାସ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶେଫାଳି ପଟ୍ଟନାୟକ,ସୁଧାଶ୍ରୀ ନାୟକ ସଂଯୋଜନା କରିଥିଲେ। ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସୁନିତା ଖଣ୍ଡୁଆଳ, ଅନିତା ମହାପାତ୍ର, ସସ୍ମିତା ଦାସ, କଳ୍ପନା ଷଣ୍ଢ, ଅଧ୍ୟାପକ ସନାତନ ବେହେରା, ଦୁର୍ଗାପ୍ରସାଦ ସାହୁ, ଡ. ରବୀନ୍ଦ୍ର ମିଶ୍ର, ବିଦେଶୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀ।

# କେନାଲରେ ପାଣି ଯାଉନି, ଚାଷୀ ନିରାଶ

■ ଅଧିକାଂଶ କେନାଲରେ ବିଲାତି ଦଳ ଭର୍ତ୍ତି
■ କ୍ରିକ୍ ବନ୍ଧ, ଉପକୂଳ କେନାଲ ଆବଶ୍ୟକ

କେନ୍ଦ୍ରାପଡ଼ା, ୬।୧୨ (ଜଗନ୍ନାଥ ଧଳ)


କେନାଲରେ ବିଲାତି ଦଳ ଭର୍ତ୍ତି ହୋଇ ରହିଛି।

ଖରିଫ ଧାନଚାଷ ସରିଛି। କେନ୍ଦ୍ରାପଡ଼ା ଜିଲାର ଚାଷୀ ରବି ଫସଲ ପାଇଁ ପ୍ରସ୍ତୁତ ହେଉଛନ୍ତି। ତେବେ ଏଥିରେ କ୍ଷେତକୁ ଜଳସେଚନ ଏବେ ବାଧକ ହୋଇଛି। କେନାଲରେ ବହୁବର୍ଷ ଧରି ବିଲାତି ଦଳ ଭର୍ତ୍ତି ହୋଇ ରହିଥିବା ଯୋଗୁ ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। କୃଷିଭିତ୍ତିକ ଅର୍ଥନୀତିରେ ପର୍ଯ୍ୟବସିତ କେନ୍ଦ୍ରାପଡ଼ା ଜିଲାରେ ଏହି ବୃହତ୍ ଅର୍ଥନୀତିକୁ ଜଳ ସମ୍ପଦ ବିଭାଗ ଦ୍ୱାରା ମାରି ଦିଆଯାଉଛି। ଏପରି ଅଭିଯୋଗ ଆଣି କୃଷକ ନେତା ଓ ଚାଷୀମାନେ ଗତ ସୋମବାର ଜିଲାସ୍ତରୀୟ ପ୍ରଶାସନିକ ଅଭିଯୋଗ ଶୁଣାଣି ଶିବିରରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟ କେନାଲରୁ ଦଳ ବାହାର କରିବା, ଶାଖା କେନାଲର ଉନ୍ନତୀକରଣ ସହ କ୍ରିକ୍‌ବନ୍ଧ ଓ ଉପକୂଳ କେନାଲ ଖୋଳାଇବାକୁ ଦାବି ଜଣାଇଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଧୁଭୂଷଣ ମହାପାତ୍ର, ଉମେଶ ସିଂ, ବିଜୟ କୁମାର ପରିଡ଼ା, ଜଗତଜୀବନ ଦାସ, କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଜଗଦୀଶ ପତି, କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା, ଭରତପୁର ଗ୍ରାମର ଚିତ୍ତରଞ୍ଜନ ଦାସ, ଇଚ୍ଛାପୁରର ଚିତ୍ତରଞ୍ଜନ ସାହୁ, ଆୟେବାର ବୀରେନ୍ଦ୍ର କୁମାର ଦାସ ପ୍ରମୁଖ କହିଛନ୍ତି, ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜଳପଥ କେନ୍ଦ୍ରାପଡ଼ା ଜିଲାରେ ଅଛି। ଏହାସତ୍ତ୍ୱେ ଜଳ ପରିଚାଳନା ଚାଷୀଙ୍କ ପାଇଁ ସମସ୍ୟା ହୋଇଛି। ଖରିଫ ଚାଷ ସମୟରେ ପ୍ରାୟ ୩୭ ହଜାର ହେକ୍ଟର ଚାଷଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି କରିଛି। ସେହିପରି ଜଳସେଚନ ଭିତ୍ତିଭୂମିକୁ ଉନ୍ନତୀକରଣ କରାଗଲେ ଜିଲାରେ ପ୍ରାୟ ୮୦ ହଜାର ହେକ୍ଟର ଚାଷଜମିରେ ରବି ଫସଲ ସହ ଅର୍ଥକରୀ ଫସଲ ହୋଇପାରନ୍ତା। ତେବେ ଏହି ଜିଲାରେ ମାତ୍ର ୮ରୁ ୧୦ ହଜାର ହେକ୍ଟର ଜମିରେ ରବି ଫସଲ ସହ ପନିପରିବା ହେଉଛି। ରାଜସ୍ୱ ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ମୋଟ ୮୫,୯୨୦ ଏକର ଜମି ପାଇଁ ଜଳକର ଧାର୍ଯ୍ୟ ହୋଇଛି। ଅପରପକ୍ଷରେ କୃଷି ବିଭାଗ, ଜଳ ସମ୍ପଦ ବିଭାଗ ଓ ଉଠାଜଳସେଚନ ବିଭାଗ ତଥ୍ୟ ଅନୁଯାୟୀ, କେନାଲ ମାଧ୍ୟମରେ ୧,୧୫,୪୪୫ ଏକର ଜମିକୁ ଜଳ ଯୋଗାଣ ହେଉଛି। ତେବେ ବାସ୍ତବ ତଥ୍ୟ ହେଉଛି, କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ, ଜମ୍ବୁ, ଗୋବରୀ ଆଦି କେନାଲରେ ବିଲାତି ଦଳ ଭର୍ତ୍ତି ହୋଇଛି। ମହାନଦୀ ଚିତ୍ରୋପ୍ତଳା ଦ୍ୱୀପାଞ୍ଚଳ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ ସତ୍ତ୍ୱେ କେନାଲରେ ଆଦୌ ପାଣି ଛଡ଼ା ଯାଇନାହିଁ। ଜଳପଥ ଉପରେ ଜବରଦଖଲ ବଢ଼ିଚାଲିଛି। ଏହା ଉପରେ କେତେଜଣ ବ୍ୟକ୍ତି ଘର ନିର୍ମାଣ କରି ଜଳପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ସହରର ଅଳିଆ ଆବର୍ଜନା, ପାଇଖାନା ପାଇପ୍, ପ୍ଲାଷ୍ଟିକ ଆଦି ଅଧିକ ସମସ୍ୟା ସୃଷ୍ଟି କରିଛି। କେତେକ ସ୍ଥାନରେ ମାଛ ପାଇଁ ଆଡ଼ି ବନ୍ଧ ହୋଇଛି। ରାଜ୍ୟ ସରକାର ପ୍ରତି ବ୍ଲକ ଅଞ୍ଚଳର ଚାଷ ଜମି ମଧ୍ୟରୁ ଅନ୍ୟୂନ ୩୫ ପ୍ରତିଶତ ଜମିକୁ ଜଳସେଚନ ପାଇଁ ଘୋଷଣା କରିଛନ୍ତି। ତେବେ ଜିଲାରେ ଗତ ୨୫ବର୍ଷ ମଧ୍ୟରେ ଗୋଟିଏ ଇଞ୍ଚ କେନାଲ ଖୋଳାଯାଇ ନାହିଁ। ଜିଲାର ବହୁ କେନାଲ ପୋତି ହୋଇ ପଡ଼ିବାରୁ ଖେଳପଡ଼ିଆରେ ପରିଣତ ହୋଇଛି। ବିଲାତି ଦଳ ମଶା ମାଛିଙ୍କ ଉତ୍ପତ୍ତି ସ୍ଥଳ ହୋଇଥିବା ବେଳେ ଜଳବାହିତ ରୋଗର କାରଣ ହୋଇଛି। ଉନ୍ନତୀକରଣ ନାମରେ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ କେନାଲର ଶେଷ ମୁଣ୍ଡରେ ପାଣି ପହଞ୍ଚି ପାରୁନାହିଁ। ଏପରିକି କେନାଲ ନିକଟସ୍ଥ ଜମି ଜଳସେଚିତ ନ ହେବାରୁ ଜଳକର ନ ଦେବା ପାଇଁ ଆନ୍ଦୋଳନ ହେଉଛି। ମୁଖ୍ୟ କେନାଲରୁ ବିଲାତି ଦଳ ବାହାର କରିବା ପାଇଁ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଯାଇ ପାରନ୍ତା। ସେହିପରି କ୍ରିକ୍‌ବନ୍ଧ ଓ ଉପକୂଳ କେନାଲ ଖୋଳାଗଲେ ବନ୍ୟାରୁ ମୁକ୍ତି ମିଳିବା ସହ ମଧୁର ଜଳ ସଂରକ୍ଷଣ ହୋଇପାରିବ। ଏହି ମଧୁର ଜଳ କ୍ଷେତକୁ ନେଇ ଚାଷ କାର୍ଯ୍ୟରେ ଲଗାଯାଇ ପାରିବ। ତୁରନ୍ତ ଏଥିପ୍ରତି ଜିଲାପାଳ, ଆରଡିସି ଓ ଜଳ ସମ୍ପଦ ବିଭାଗ ନଜର ଦେବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଜଳ ସମ୍ପଦ ବିଭାଗ ସହ ଆଲୋଚନା କରାଯାଇ ରବି ଫସଲ ପାଇଁ ଜଳ ଛଡ଼ାଯିବ ବୋଲି ସେ କହିଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ରଞ୍ଜନ


@ ପୂଜାରାଣୀ


@ ବାଣା


@ ପ୍ରିତମ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଚିଲା ଧାନ ଫସଲକୁ ନେଇ ଚିନ୍ତାରେ ଚାଷୀ

ଚଣ୍ଡିଖୋଲ,୬।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବର୍ଷା ଓ ପବନ ଯୋଗୁ ବ୍ୟାପକ ପାଚିଲା ଧାନ ଫସଲ ନଷ୍ଟ ହେବା ଆଶଙ୍କା କରିଛନ୍ତି ବଡ଼ଚଣା ବ୍ଲକ୍ ଅଞ୍ଚଳର ଚାଷୀମାନେ। ବାତ୍ୟା ମିଗ୍‌ଜୋମ ପ୍ରଭାବରେ ମଙ୍ଗଳବାରଠାରୁ କୋହଲା ପାଗ ଲାଗି ରହିଥିଲା ବେଳେ ବୁଧବାର ବର୍ଷା ସକାଳୁ ଆରମ୍ଭ ହୋଇଛି। ଏଥିସହ ହାଲୁକା ପବନ ଯୋଗୁ ପାଚିଲା ଧାନ ଫସଲ ପ୍ରଭାବିତ ହେବା ନେଇ ଚିନ୍ତାରେ ରହିଛନ୍ତି ଚାଷୀ। ଧାନ ପାଚିବା ପରେ ଏବେ କଟା ଆରମ୍ଭ ହୋଇଛି। ଏହି ଧାନ ଫସଲ କାଟିବା ପାଇଁ ୧ ମାସରୁ ଅଧିକ ସମୟ ଲାଗିବ। ବର୍ଷା ପାଇଁ ତରତର ହୋଇ ଚାଷୀମାନେ ଧାନ କାଟି ପାରିବେ ନାହିଁ। ଚାଷୀଙ୍କ ବର୍ଷକର ଆହାର ହେଉଛି ଧାନ। ଯଦି ଏହାର କ୍ଷତି ହୁଏ ତେବେ ସେମାନଙ୍କ ବର୍ଷକର କ୍ଷତି ହୋଇଯିବ ବୋଲି କହିଛନ୍ତି। ଯେଉଁ ଧାନ ଫସଲ ତଳେ ପଡି ଯାଇଛି ସେଗୁଡିକ ମଧ୍ୟ ବର୍ଷା ପାଣିରେ ଗଜା ହୋଇଯିବ ବୋଲି ବ୍ଲକ ଅଞ୍ଚଳର ଚାଷୀ ଅର୍ଜୁନ ନାୟକ, ସୁରେଶ ସାମଲ, ଗିରିଧାରୀ ପାଣି ଓ ଧୀରେନ୍ଦ୍ର ନାଥ ପରିଡ଼ା ପ୍ରମୁଖ ପ୍ରକାଶ କରିଛନ୍ତି।


ପବନ ଯୋଗୁ ଜମିରେ ଧାନ ଗଛ ପଡି ଯାଇଛି।

# ଫରେନସିକ୍ ଯାଞ୍ଚ ପାଇଁ କଷ୍ଟମ୍ସ ବିଭାଗର କୋର୍ଟକୁ ପ୍ରାର୍ଥନା

■ ଜାହାଜରୁ ୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା
■ ୭ ଦିନ ପରେ କୁଜଙ୍ଗ କୋର୍ଟରେ ମାମଲା ପହଞ୍ଚିଲା


ଜବତ ହୋଇଥିବା କୋକେନ୍‌କୁ କୋର୍ଟକୁ ନିଆଯାଇଛି।

ପାରାଦୀପ/କୁଜଙ୍ଗ,୬।୧୨
(ଶରତ ରାଉତ/ମନୋଜ ପ୍ରଧାନ)

ପାରାଦୀପ ବନ୍ଦର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରୁ ନଭେମ୍ବର ୩୦ ତାରିଖ ରାତିରେ ଏମ୍‌ଭି ଦେବୀ ନାମକ ପଣ୍ୟବାହୀ ଜାହାଜରୁ ୨୨ ପ୍ୟାକେଟ୍ କୋକେନ ଜବତ କରାଯାଇଥିଲା। ଏହାର ମୂଲ୍ୟ ୨୨୦ କୋଟି ଟଙ୍କା ହେବ ବୋଲି ସେତେବେଳେ କଷ୍ଟମ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଘଟଣା ବୁଧବାର ଅପରାହ୍ନରେ କୁଜଙ୍ଗ କୋର୍ଟରେ ପହଞ୍ଚିଛି।

ତଦନ୍ତକାରୀ ସଂସ୍ଥା କଷ୍ଟମ୍ସ ବିଭାଗ ପକ୍ଷରୁ ଫରେନସିକ୍ ଯାଞ୍ଚ ପାଇଁ ଅତିରିକ୍ତ ଦୌରାଜଜ୍ ଓ ଜିଲା ଅଦାଲତରେ ପ୍ରାର୍ଥନା କରାଯାଇଛି। ପରେ କୋର୍ଟ ଏ ନେଇ ସ୍ପେଶାଲ ଜି/ଆର(ଏନ୍) ୬୫/୨୩ରେ ମାମଲା ରୁଜୁ କରିବା ସହ ଫରେନସିକ୍ ଯାଞ୍ଚ ପାଇଁ ଅନୁମତି ଦେଇଛନ୍ତି। ଜବତ ୨୨ ପ୍ୟାକେଟ୍ କୋକେନ୍ ମଧ୍ୟରୁ ପ୍ରତି ପ୍ୟାକେଟ୍‌ରୁ ୫ ଗ୍ରାମ ଲେଖା ଫରେନସିକ୍ ଯାଞ୍ଚ ପାଇଁ ଯିବ। ସେହିଭଳି ଆଉ ୫ ଗ୍ରାମ ଲେଖା କୁଜଙ୍ଗ କୋର୍ଟରେ ରହିବ। ଅବଶିଷ୍ଟ କୋକେନ୍ କଷ୍ଟମ୍ସ ହେପାଜତରେ ଭୁବନେଶ୍ୱରଠାରେ ରଖାଯିବ ବୋଲି ଆଇନଜୀବୀ ବିକାଶ ନାଥ କହିଛନ୍ତି। କଷ୍ଟମ୍ସ ବିଭାଗ ତାଙ୍କ ନିଜସ୍ୱ ମାମଲା ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି। ଏବେ ସୁଦ୍ଧା କେବଳ କୋକେନ୍ ସମ୍ପର୍କରେ କୋର୍ଟରେ ପ୍ରାର୍ଥନା କରାଯାଇଛି। କିନ୍ତୁ ଜାହାଜ ଏମ୍‌ଭି ଦେବୀ ଓ ସେଥିରେ ଥିବା ୨୧ ଜଣ ନାବିକଙ୍କ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଏବେ ବି ସେହି ପିଆଇସିଟି ବର୍ଥରେ ଜାହାଜ ରହିଛି। ୨୧ ଜଣ ନାବିକ ଭିଏତନାମୀ ନାଗରିକଙ୍କୁ ବିଶେଷଜ୍ଞଙ୍କ ଜରିଆରେ ବୟାନ ରେକର୍ଡ କରାଯାଉଛି। ଘଟଣା ଲୋକଲୋଚନକୁ ଆଣିଥିବା କ୍ରେନ୍ ଅପରେଟର ସମେତ ଅନ୍ୟ ୧୨ଜଣ ଅପରେଟର ମଧ୍ୟ ପ୍ରତିଦିନ ଜେରାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ପାନାମା ଦେଶର ଏମ୍‌ଭି ଦେବୀ ନାମକ ଜାହାଜ ଇଣ୍ଡୋନେସିଆରୁ ଆସି ନଭେମ୍ବର ୩୦ରେ ପାରାଦୀପ ପିଆଇସିଟି ବର୍ଥରେ ଲାଗିଥିଲା। ସେଥିରେ ଜେଏସ୍‌ପିଏଲ୍‌ର ଷ୍ଟିଲ୍ ବୋଝେଇ ହେଉଥିବା ବେଳେ କ୍ରେନ୍ କ୍ୟାବିନ ଭିତରେ କୋକେନ୍ ଥିବା ଜଣାପଡ଼ିଥିଲା। ଏହା ପରେ କଷ୍ଟମ୍ସ ବିଭାଗ, ଆଇବି, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ଏନ୍‌ସିବି ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏତେ ପରେ ମଧ୍ୟ କୋକେନ୍ କେଉଁଠୁ ଆସିଥିଲା, କିଏ ଆଣୁଥିଲା ନା ପଠାଉଥିଲା ସେ ସମ୍ପର୍କରେ କୌଣସି ସୂଚନା ଏ ପର୍ଯ୍ୟନ୍ତ ମିଳିନାହିଁ।

# ଛାତ୍ରଙ୍କୁ ଛୁରା ଧରି ଗୋଡ଼ାଇଲେ ୨ ଯୁବକ

ଧର୍ମଶାଳା,୬।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଜାରକାବଜାର ନିକଟବର୍ତ୍ତୀ ଅଞ୍ଚଳରେ ଦିନକୁ ଦିନ ଆପରାଧିକ ମାମଲା ବୃଦ୍ଧି ପାଇବାରେ ଲାଗିଛି। ଯାହାର ଫଳ ସ୍ୱରୁପ ବୁଧବାର ଜଣେ ସ୍କୁଲ ଛାତ୍ର ଦୁର୍ବୃତ୍ତଙ୍କ ଛୁରାମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେ ହେଲେ ଧର୍ମଶାଳା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଓମ୍ ସାଇପ୍ରସାଦ। ସାମ୍ବାଦିକ ସୁଶାନ୍ତ ବେହେରାଙ୍କ ପୁଅ ଓମ୍ ସାଇପ୍ରସାଦ ପୂର୍ବାହ୍ନ ସାଢେ ନଅଟାରେ କୋଚିଂ କ୍ଲାସରୁ ସ୍କୁଲକୁ ଚାଲିଚାଲି ଯାଉଥିବା ସମୟରେ ଜାରକା ଷ୍ଟାଡିୟମ୍ ନିକଟରେ ଦୁଇ ଯୁବକ ତାଙ୍କୁ ବାଇକ୍ ଯୋଗେ ସ୍କୁଲରେ ଛାଡି ଦେବାକୁ କହିଥିଲେ। ସେ ମନା କରିବାରୁ ତାଙ୍କୁ ମୁହଁ ପୋଛିବା ପାଇଁ ରୁମାଲ୍ ଯାଚିଥିଲେ। ସେ ରାଜି ନ ହେବାରୁ ତାଙ୍କୁ ଏକ ଛୁରା ଧରି ଆକ୍ରମଣ କରିବାକୁ ଗୋଡ଼ାଇ ଥିଲେ। ଏହି ସମୟରେ ଏକ ଅଟୋ ଆସିବାରୁ ଦୁଇ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଛାତ୍ରଙ୍କ ବାପା ଜାରକା ବିଟ ହାଉସ ଅଧିକାରୀଙ୍କୁ ଅବଗତ କରିବା ସହ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜାରକା ଅଞ୍ଚଳ ଦ୍ରୁତଗତିରେ ବିକାଶ କରୁଥିବାରୁ ପ୍ରାୟ ଅଧିକାଂଶ ଲୋକ ବାହାରୁ ଆସି ଏଠାରେ ବସବାସ କରୁଛନ୍ତି। ଆବଶ୍ୟକତା ଅନୁଯାୟୀ ଏଠାରେ ବହୁ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ରହିଛି। ରାସ୍ତା ଦେଇ ବଡ଼ ବଡ଼ ଟ୍ରକ୍ ଯାତାୟାତ କରିବା ଫଳରେ ଅନେକ ସମୟରେ ଛୋଟମୋଟ ଦୁର୍ଘଟଣା ଘଟୁଛି। ଅସାମାଜିକ ଯୁବକମାନଙ୍କ ପାଇଁ ଛାତ୍ରୀଛାତ୍ର ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଏହି ନିଛାଟିଆ ରାସ୍ତାରେ ପୋଲିସ ମୁତୟନ କରିବାକୁ ଦାବିହୋଇଛି।

# ଡିଜିଟାଲ ଦକ୍ଷତା ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ପ୍ରଥମ ପର୍ଯ୍ୟାୟରେ ଶହେ ଯୁବତୀ, ଯୁବକ ତାଲିମ ନେବେ**

ମହାକାଳପଡ଼ା,୬।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଡିଜିଟାଲ ଦକ୍ଷତା କେନ୍ଦ୍ରକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର, ଖରିନାସୀ ଓ ବତୀଘର ପଞ୍ଚାୟତରେ ହେବାକୁ ଯାଉଛି ବିଶ୍ୱସ୍ତରୀୟ ଷ୍ଟିଲ ପ୍ଲାଣ୍ଟ। ଏହି ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ୨୪ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ ହେବା ସହ ବିଶ୍ୱ ଶିଳ୍ପ ମାନଚିତ୍ରରେ କେନ୍ଦ୍ରାପଡ଼ା ଜିଲା ସ୍ଥାନ ପାଇବ । ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ହାର ବୃଦ୍ଧି ପାଇବା ସହ ଶତାଧିକ ଯୁବତୀ ଯୁବକ ନିଯୁକ୍ତି ପାଇବେ । ଏହି ପରିପ୍ରେକ୍ଷୀରେ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ପୁରୁଣା ଜାଭିୟର ବିଦ୍ୟାଳୟ ପରିସରରେ ଆରସେଲ ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଓ ଜାତୀୟ ଦକ୍ଷତା ଉନ୍ନୟନ ନିଗମ ମିଳିତ ସହଯୋଗରେ ଆୟୋଜିତ ଏକ ଡିଜିଟାଲ ଦକ୍ଷତା ତାଲିମ କେନ୍ଦ୍ରକୁ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ବୁଧବାର ଉଦ୍‌ଘାଟନ କରିଛନ୍ତି । ଏହା ପୂର୍ବରୁ ଉକ୍ତ ବ୍ଲକର ବିଜୟନଗର ଠାରେ ନୂତନ ଆବାସିକ ଶିଳ୍ପ ତାଲିମ କେନ୍ଦ୍ରକୁ ଜିଲାପାଳ ଶିଳାନ୍ୟାସ କରିଥିଲେ।

କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଆର୍ଥିକ ସହାୟତାରେ ଉକ୍ତ କେନ୍ଦ୍ରରେ ଯୁବତୀ ଯୁବକ ମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧ଶହ ଛାତ୍ରୀଛାତ୍ର ଘରୋଇ ଡାଟା ଏଣ୍ଟ୍ରି ଅପରେଟର ଶାଖାରେ ତାଲିମ ନେବେ। ଅପରପକ୍ଷେ ସ୍ଥାନୀୟ ଯୁବତୀ ଯୁବକ ତାଲିମ ଗ୍ରହଣ ପରେ କମ୍ପାନୀ ପକ୍ଷରୁ ନିଯୁକ୍ତି ମିଳିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ଏହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହେଲେ ଓଡ଼ିଶା ଓ କେନ୍ଦ୍ରାପଡ଼ାବାସୀଙ୍କ ସ୍ୱପ୍ନ ପୂରଣ ହେବ । ସ୍ଥାନୀୟ ଯୁବତୀ ଯୁବକମାନଙ୍କ ଦକ୍ଷତା ବିକାଶ ସମ୍ଭବ ହେବ । ପରବର୍ତ୍ତୀ ସମୟରେ ଏହି ଡିଜିଟାଲ ଦକ୍ଷତା ତାଲିମ କେନ୍ଦ୍ରରେ ମେକାନିକ , ଇଲେକ୍ଟ୍ରିକାଲ ଓ ପ୍ଲାଷ୍ଟିକ ବ୍ରାଞ୍ଚରେ ଯୁବତୀଯୁବକମାନେ ତାଲିମ ଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ ଟୋମୋମିସୁ ଇନାଡ଼ା, ନିର୍ବାହୀ ନିର୍ଦ୍ଦେଶକ ଏସ୍. ସାନଭୋଗ୍ୟୁ, ଓଡ଼ିଶା ଗ୍ରୀନ ଫିଲ୍ଡ ପ୍ରକଳ୍ପର ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀ ଚରଣ ମହାପାତ୍ର , ମୁଖ୍ୟ କର୍ପୋରେଟ ଡ଼ା ବିକାଶ ଯାଦଭେନ୍ଦୁଙ୍କ ସମେତ କେନ୍ଦ୍ରାପଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ , ମହାକାଳପଡ଼ା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡ଼ିଓ ସାଗର କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀଙ୍କ ସଂଖ୍ୟା ରିପୋର୍ଟ ବିଭାଗ ପାଖରେ ନାହିଁ

**ପାରାଦୀପ ମାଛଧରା ବନ୍ଦର**

■ ମୃତ, ନିଖୋଜ ପରିବାରଙ୍କୁ ମିଳୁନି ସରକାରୀ ସହାୟତା

ପାରାଦୀପ,୬।୧୨(ଶରତ ରାଉତ)

ରାଜ୍ୟର ପ୍ରମୁଖ ମତ୍ସ୍ୟ ଉତ୍ପାଦନ ସ୍ଥାନ ହେଲା ପାରାଦୀପ ମାଛଧରା ବନ୍ଦର। ଏହି ମାଛଧରା ବନ୍ଦର ଉପରେ ୫୦ ହଜାରରୁ ଅଧିକ ଲୋକ ନିର୍ଭରଶୀଳ ବୋଲି ଅନେକ ସମୟରେ ସରକାରୀ ଭାବେ କୁହାଯାଉଛି। କିନ୍ତୁ କୌତୂହଳ ପ୍ରସଙ୍ଗ ହେଲା ଉକ୍ତ ମାଛଧରା ବନ୍ଦର ମଧ୍ୟରେ କେତେଜଣ ମତ୍ସ୍ୟଜୀବୀ ଅଛନ୍ତି, ତାଙ୍କର କୌଣସି ତଥ୍ୟ ମତ୍ସ୍ୟ ବିଭାଗ ପାଖରେ ନାହିଁ।

ଏଭଳି ରିପୋର୍ଟ ଜନସୂଚନା ତଥ୍ୟରୁ ଜଣାପଡ଼ିଛି। ଏଥିପାଇଁ ଯେତେବେଳେ କୌଣସି ଦୁର୍ଘଟଣା ଘଟେ ସମୁଦ୍ରରେ ମତ୍ସ୍ୟଜୀବୀ ନିଖୋଜ କିମ୍ବା ମୃତ୍ୟୁ ହେଲେ ସେମାନଙ୍କ ପରିବାରକୁ ସରକାରୀ ସହାୟତା ମିଳୁନାହିଁ। ପାରାଦୀପ ମାଛଧରା ବନ୍ଦର ପରିସରରେ କେତେଗୋଟି ବଡ଼ ବୋଟ୍ ଓ ଛୋଟ ଯନ୍ତ୍ରଚାଳିତ ଡଙ୍ଗା ଅଛି ତା'ର ବିବରଣୀ, କେତେଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବା ପାଇଁ ଯାଉଛନ୍ତି, ବାର୍ଷିକ କେତେ ମାଛ ଉତ୍ପାଦନ ହେଉଛି, ବିଦେଶକୁ କେତେ ଟନ୍ ରପ୍ତାନି ହେଉଛି, କେତେ ବୈଦେଶିକ ମୁଦ୍ରା ଭାରତକୁ ଆସୁଛି ଭଳି ୧୮ଟି ପ୍ରସଙ୍ଗ ଉପରେ ଜନସୂଚନା ଆଇନ ବଳରେ ତଥ୍ୟ ମଗାଯାଇଥିଲା। ପ୍ରଥମେ ଧାର୍ଯ୍ୟ ସମୟ (୩୦ଦିନ) ମଧ୍ୟରେ ସୂଚନା ମିଳି ନ ଥିଲା। ପରେ ପ୍ରଥମ ଅପିଲ କରିବା ପରେ ଅପୂର୍ଣ୍ଣାଙ୍ଗ ରିପୋର୍ଟ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) କାର୍ଯ୍ୟାଳୟ ପକ୍ଷରୁ ନଭେମ୍ବର ୧୬ରେ ଦେଇଛନ୍ତି। ପତ୍ର ସଂଖ୍ୟା ୧୪୪/(୧୬।୧୧।୨୩)ରେ ମତ୍ସ୍ୟ ଅଧିକାରୀ ବିଜୟ କୁମାର କର ସୂଚନା ଦେଇଛନ୍ତି, ୨୦୨୩ ସୁଦ୍ଧା ପାରାଦୀପ ମାଛଧରା ବନ୍ଦର ପରିସରରେ ୫୫୩ଟି ବୋଟ୍ ଓ ୧୬୧ଟି ଯନ୍ତ୍ରଚାଳିତ ଡଙ୍ଗା ପଞ୍ଜୀକୃତ ହୋଇଛି। ମାଛଧରା ବନ୍ଦର ପରିସରରେ ପଞ୍ଜୀକୃତ ମତ୍ସ୍ୟଜୀବୀଙ୍କ ସଂଖ୍ୟା କେତେ ତାହା ସମ୍ପର୍କରେ କୌଣସି ବିବରଣୀ ଉପଲବ୍ଧ ନାହିଁ। ୨୦୨୦-୨୧ ଆର୍ଥିକ ବର୍ଷରେ ମାଛ ଉତ୍ପାଦନ ପରିମାଣ ୩୨୩୬୦.୯୦ ମେଟ୍ରିକ ଟନ୍, ବିଦେଶକୁ ରପ୍ତାନି ହୋଇଛି ୧୯୪୧୬.୫୪ ମେଟ୍ରିକ ଟନ୍, ବୈଦେଶିକ ମୁଦ୍ରା ଭାରତୀୟ ଟଙ୍କା ହିସାବରେ ୨୭୯୬୧.୫୯୬ ଲକ୍ଷ ଟଙ୍କା। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ଉତ୍ପାଦନ ୩୪୭୩୭.୪୩ ମେଟ୍ରିକ ଟନ୍, ବିଦେଶକୁ ରପ୍ତାନି ୨୦୮୪୨.୪୫ ମେଟ୍ରିକ ଟନ୍, ବିଦେଶରୁ ଆସିଥିବା ଟଙ୍କା ୨୪୦୦୯.୪୧ ଲକ୍ଷ, ୨୦୨୨-୨୩ ବର୍ଷରେ ଉତ୍ପାଦନ ୩୬୩୮୬.୧୨ ମେଟ୍ରିକ ଟନ୍, ରପ୍ତାନି ୨୧୮୩୧.୬୭ ମେଟ୍ରିକ ଟନ୍, ଟଙ୍କା ୪୪୮୧୮.୦୮ଲକ୍ଷ। ଯେଉଁ ମତ୍ସ୍ୟଜୀବୀଙ୍କ ପାଇଁ ଏତେ କାରବାର ହେଉଛି ସେମାନଙ୍କ ତଥ୍ୟ ସରକାରଙ୍କ ପାଖରେ ଉପଲବ୍ଧ ନାହିଁ। ସମ୍ପ୍ରତି ମତ୍ସ୍ୟ ବିଭାଗ ପାରାଦୀପ ମାଛଧରା ବନ୍ଦର ପରିଚାଳନା ପାଇଁ ୩୧ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ସେଥିମଧ୍ୟରେ ୪ ଜଣ ସରକାରୀ, ୪ ଜଣ ଫିଶଫେଡ୍ କର୍ମଚାରୀ ଓ ଅବଶିଷ୍ଟ ୨୩ ଜଣ କଣ୍ଟିଜେଣ୍ଟ କର୍ମଚାରୀ। କେବଳ କଣ୍ଟିଜେଣ୍ଟ କର୍ମଚାରୀଙ୍କ ଦରମା ବାବଦରେ ମାସିକ ୩ ଲକ୍ଷ ୫୫ ହଜାର ୧୨୫ ଟଙ୍କା ମତ୍ସ୍ୟ ବିଭାଗ ଦେଉଛି। ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିପୁଳ ଅର୍ଥ ଦେଉଛନ୍ତି। ୨୦୨୦ରୁ ୨୦୨୩ ମଧ୍ୟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୬୬୧୩୫୪୮ ଟଙ୍କା ଦେଇଛନ୍ତି। ସେହିପରି ରାଜ୍ୟ ସରକାର ୫୪୭୧୧୨୪.ଟଙ୍କା ଦେଇଛନ୍ତି। ମତ୍ସ୍ୟଜୀବୀଙ୍କ ପାଇଁ ମାଗଣା ବୀମା କରିବା, କଟକଣା ସମୟରେ ସହାୟତା ଯୋଗାଇ ଦେବା ଭଳି ବ୍ୟବସ୍ଥା ରହିଛି। କିନ୍ତୁ ସରକାରୀ ନଥିରେ ମତ୍ସ୍ୟଜୀବୀ ତାଲିକା ନ ଥିବାରୁ କୌଣସି ସୁଫଳ ପାଇ ପାରୁନାହାନ୍ତି। ଚଳିତବର୍ଷ ଜାନୁୟାରୀରୁ ଏ ପର୍ଯ୍ୟନ୍ତ ଡଙ୍ଗା ବୋଟ୍ ବୁଡ଼ି ଯୋଗୁଁ ୧୧ ଜଣ ମୃତ/ନିଖୋଜ ହୋଇଛନ୍ତି। ଏପରି ବ୍ୟବସ୍ଥା ସମ୍ପର୍କରେ ମତ୍ସ୍ୟ ଅଧିକାରୀ କରଙ୍କୁ ପଚାରିବାରେ ଆମେ କ'ଣ କରିବୁ, ଏତେ ଲୋକଙ୍କ ରିପୋର୍ଟ ଲେଖା ଏପର୍ଯ୍ୟନ୍ତ ହୋଇନାହିଁ ବୋଲି ସେ କହିଛନ୍ତି।



ପାରାଦୀପ ମାଛଧରା ବନ୍ଦର ପ୍ରବେଶ ପଥ।

# ୫ମାସ ବିତିଲା, ହେଲାନି ସ୍ୱତନ୍ତ୍ର ବୈଠକ

ନୟାଗଡ଼,୬।୧୨(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ସଦର ମହକୁମାର ପୁରୁଣା ସହରରେ ପୂଜା ପାଉଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ କରାଗଲାନି ସ୍ୱତନ୍ତ୍ର ବୈଠକ। ଏକାଦଶୀରେ ଅନୁଷ୍ଠିତ ସୁନାବେଶରେ ଶ୍ରୀଜୀଉ ରୁପା ଅଳଙ୍କାରରେ ସଜ୍ଜିତ ହେଉଥିବାରୁ ୨୦୨୩ ବାହୁଡ଼ା ଯାତ୍ରା ପରେ ସ୍ୱତନ୍ତ୍ର ବୈଠକ କରାଯିବାକୁ ୫ମାସ ତଳେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଥିଲା । ଜୁନ୍ ଯାଇ ଡିସେମ୍ବର ହେଲାଣି, ଇତି ମଧ୍ୟରେ ପ୍ରାୟ ୫ମାସ ବିତିଛି । ହେଲେ ପ୍ରଶାସନର ସ୍ୱତନ୍ତ୍ର ବୈଠକ କରିବା ନେଇ ମନେ ପଡୁ ନ ଥିବାରୁ ଅନୁରୂପ ଭାବେ ପୁଣି ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ପ୍ରତିବର୍ଷ ସୁନାବେଶରେ ନୟାଗଡ଼ର ଶ୍ରୀଜୀଉ ରୁପା ଅଳଙ୍କାର ପିନ୍ଧୁଛନ୍ତି । ସୁନାବେଶରେ ରୁପା ଅଳଙ୍କାର ପିନ୍ଧି ଦର୍ଶନ ଦେବାକୁ ନେଇ ଭକ୍ତ ମହଲରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇ ଆସୁଛି । ରାଜରାଜୁଡ଼ା ସମୟର ଶ୍ରୀଜୀଉଙ୍କ ସୁନା ଅଳଙ୍କାର ଥିଲା। ପ୍ରାୟ ୩୩ ବର୍ଷ ତଳେ ତାହା କୁଆଡ଼େ ଗାଏବ ହୋଇଯାଇଥିଲା। ରାଜରାଜୁଡ଼ା ସମୟର ସୁନା ଅଳଙ୍କାରକୁ କେହି ଚତୁରତାର ସହ ଅଦଳବଦଳ କରି ସେହି ସ୍ଥାନରେ ସୁନା କଲେଇ ଅଳଙ୍କାର(ରୁପା ଅଳଙ୍କାରରେ ସୁନାର ପ୍ରଲେପ) ରଖି ହଡପ କରିଥିଲେ ବୋଲି ଅଭିଯୋଗ ହୋଇଛି । ତେବେ ଏହି ଘଟଣାର ଆଜି ପର୍ଯ୍ୟନ୍ତ ପର୍ଦ୍ଦାଫାସ ହୋଇ ପାରିନାହିଁ । ପରବର୍ତ୍ତୀ ସମୟରେ ସୁନାର ପ୍ରଲେପ ଛାଡ଼ିଯିବା ପରେ ପୁଣି ସୁନାର ପ୍ରଲେପ ଦିଆଯାଇଥିଲା । ତେବେ ସାଢ଼େ ୪ ବର୍ଷ ହେଲା ଶ୍ରୀଜୀଉଙ୍କ ଅଳଙ୍କାରରେ ଆଉ ପ୍ରଲେପ ଦିଆଯାଉ ନ ଥିବାରୁ ପ୍ରଭୁ ସେହି ସୁନା ରଙ୍ଗଛଡ଼ା ଅଳଙ୍କାର ପିନ୍ଧୁଛନ୍ତି । ଏ ନେଇ ପ୍ରାୟ ୨ବର୍ଷ ତଳେ ଆଲୋଚନା ହୋଇଥିଲା । କଟକର କାରିଗର ୫ ଲକ୍ଷ ଟଙ୍କା ନେଇ ରୁପା ଉପରେ ସୁନା କଲେଇ କରିବାକୁ ରାଜି ହୋଇଥିଲେ । ହେଲେ ପ୍ରଶାସନର ନିଷ୍ପତ୍ତି ଶୀତଳଭଣ୍ଡାରରେ ରହିଗଲା । ସୁନାବେଶରେ ଶ୍ରୀଜୀଉ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧୁ ନ ଥିବାରୁ ବାହୁଡା ପରେ ସ୍ୱତନ୍ତ୍ର ବୈଠକ କରାଯିବାକୁ ଗତ ଜୁନ୍ ୧ରେ ରଥଯାତ୍ରା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଥିଲା । ପୁଣି ମନ୍ଦିର ରୀତିନୀତି ଠିକ୍‌ରେ କରିବା ଓ ମନ୍ଦିରକୁ ସହାୟତା ଦେବା ଉଦ୍ଦେଶ୍ୟରେ ସମ୍ପୃକ୍ତ ବୈଠକରେ ଆଲୋଚନା କରାଯିବ ବୋଲି ଜିଲାପାଳ ଓ ଉପଜିଲାପାଳ ସହମତି ପ୍ରକାଶ କରିଥିଲେ।

ଏନେଇ ନୟାଗଡ଼ର ଜଣେ ଭକ୍ତ ଭବାନୀ ଶଙ୍କର ଦାଶ କୁହନ୍ତି, ୧୯୯୦ ପୂର୍ବରୁ ରାଜରାଜୁଡା ସମୟର ଅଳଙ୍କାରକୁ ଗାଏବ କରି ତା'ସ୍ଥାନରେ ଏକା ପ୍ରକାରର ପ୍ରଲେପ ଦିଆ ଅଳଙ୍କାର ରଖାଯାଇଥିଲା। ହେଲେ ଏନେଇ କେହି ଜାଣି ପାରିଲେ ନାହିଁ । ନୟାଗଡ଼ ଦେବୋତ୍ତର ମ୍ୟାନେଜର ଜଗନ୍ନାଥ ସାହୁ ଥିବାବେଳେ ଓଡ଼ଗାଁ ରଘୁନାଥଙ୍କ ସୁନାଖଡିକା ଦେଖିବାକୁ ମିଳି ନ ଥିଲା । ତତ୍କାଳୀନ ଉପଜିଲାପାଳ ପୁରୁଷୋତ୍ତମ ପାତ୍ର ସୁନାଖଡିକା କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ସୁନା ଖଡିକା ସଫେଇ କରିବାକୁ ଦିଆଯାଇଥିବା ମ୍ୟାନେଜର ସଫେଇ ଦେଇଥିଲେ । ତେବେ ତୁରନ୍ତ ସକାଳ ପାଇଲା ବେଳକୁ ରଘୁନାଥଙ୍କ ପାଖରେ ସୁନାଖଡିକା ଯେପରି ଦେଖିବେ ସେନେଇ ନିର୍ଦ୍ଦେଶ ଦେଇଥିଲେ ଉପଜିଲାପାଳ। ଏହି ଘଟଣାରେ ଅସନ୍ତୋଷ ବ୍ୟକ୍ତ କରି ଦେବୋତ୍ତର ମ୍ୟାନେଜର ଜଗନ୍ନାଥ ସାହୁଙ୍କୁ ତତ୍କାଳୀନ ଉପଜିଲାପାଳ ନିଲମ୍ବିତ କରିଥିଲେ । ସେହି ସମୟରେ ନୟାଗଡ଼ ଜଗନ୍ନାଥ ମହାପ୍ରଭୁଙ୍କ ସୁନା ଅଳଙ୍କାରରୁ ପ୍ରଲେପ ଛାଡିଥିବା ଦେଖିବାକୁ ମିଳିଥିଲା । ପରେ ଠାକୁରଙ୍କ ସମସ୍ତ ଅଳଙ୍କାର ରୁପା ବୋଲି ଜଣାପଡିଥିଲା । ତେବେ ଗୋଟେ କଥା ସ୍ପଷ୍ଟ ହୋଇଥିଲା ଯେ ଠାକୁରଙ୍କ ରାଜରାଜୁଡା ସମୟର ଅଳଙ୍କାରକୁ ଅତି ଚତୁରତାର ସହ ଗାଏବ କରାଯାଇଥିଲା, ଯାହାକି ଅଦ୍ୟାବଧି ରହସ୍ୟାବୃତ୍ତ ହୋଇରହିଛି । ଏଭଳିସ୍ଥଳେ ପ୍ରଶାସନର ନିଷ୍ପତ୍ତି ଅନୁସାରେ ସ୍ୱତନ୍ତ୍ର ବୈଠକ କରାଯାଇ ଶ୍ରଜୀଉଙ୍କ ସୁନା ପ୍ରଲେପ ଓ ମନ୍ଦିରର ଅସୁବିଧାକୁ ତୁରନ୍ତ ଦୂର କରିବା ଦରକାର । ଭକ୍ତ ପ୍ରମୋଦ ପଟ୍ଟନାୟକ କୁହନ୍ତି, ନୟାଗଡ଼ର ଶ୍ରୀଜୀଉଙ୍କ ରୁପା ଅଳଙ୍କାର ଉପରେ ସୁନାର ପ୍ରଲେପ ଦିଆଯାଇଥିବା ଆମେ ଜାଣିବାକୁ ପାଇଛୁ। ସୁନାର ପ୍ରଲେପ ଛାଡ଼ିଯିବା ପରେ ସୁନାବେଶରେ ଶ୍ରୀଜୀଉ ରୁପା ଅଳଙ୍କାର ପରିଧାନ କରିବା ଘଟଣା କଷ୍ଟ ଦେଇଛି। ରୁପା ଅଳଙ୍କାର ଉପରେ ସୁନାର କଲେଇ କରିବାକୁ ୫ ବର୍ଷ ତଳେ ୫ରୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିଲା। ଏ ସଂକ୍ରାନ୍ତରେ ଚଳିତ ବର୍ଷ ବାହୁଡ଼ା ଯାତ୍ରା ଶେଷ ପରେ ସ୍ୱତନ୍ତ୍ର ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଜିଲାପାଳ ଓ ଉପଜିଲାପାଳଙ୍କ ଉପସ୍ଥିତିରେ ସୁନା କଲେଇ ସମ୍ପର୍କରେ ଆଲୋଚନା କରାଯାଇ ଏହାର ଆକଳନ ହେବ । ସୁନାର କଲେଇ ପାଇଁ ଭକ୍ତମାନଙ୍କ ସହଯୋଗ ନେଇ ୨୦୨୪ରେ ଠାକୁର ସୁନା ବେଶରେ ଦର୍ଶନ ଦେବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯିବାକୁ ମତ ପ୍ରକାଶ ପାଇଥିଲା। ତେବେ ଏ ଦିଗରେ ପ୍ରଶାସନ ସହ ଆଲୋଚନା କରାଯାଇ ତୁରନ୍ତ ସ୍ୱତନ୍ତ୍ର ବୈଠକ ଡକାଯିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।

**■ ରଥଯାତ୍ରା ପରେ ଭୁଲିଗଲା ପ୍ରଶାସନ**

**■ ରୁପା ଅଳଙ୍କାରରେ ଚାଲିଛି ସୁନାବେଶ**

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରଞ୍ଜନ



@ ପୂଜାରାଣୀ



@ ବାସ



@ ପ୍ରୀତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରଥମାଷ୍ଟମୀର ହଳଦୀ ପିଠାର ବାସ୍ନା

ଖଣ୍ଡପଡ଼ା,୬।୧୨(ଅଜୟକୁମାରମହାରଣା)

ଓଡ଼ିଆ ଘରେ ବାର ମାସରେ ତେର ପର୍ବ ପାଳନ କରିବାର ପରମ୍ପରା ଏବେ ବି ରହିଆସିଛି । ଉତ୍କଳୀୟ ଜନଜୀବନର ଏହି ସବୁ ପର୍ବ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଜୀବନର ସୂଚୀପତ୍ର ଭାବେ ରହିଛି । ଏହି ପରିପ୍ରେକ୍ଷୀରେ ମାର୍ଗଶୀର ଅଷ୍ଟମୀ ତିଥିରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ପ୍ରଥମାଷ୍ଟମୀ ତଥା ପୋଡୁଆଁ ପାଳନ କରାଯାଇଥାଏ । ମଙ୍ଗଳବାର ଏହି ଅବସରରେ ପରିବାରର ପ୍ରଥମ ସନ୍ତାନ ଅର୍ଥାତ୍ ଜ୍ୟେଷ୍ଠ ପୁଅ କିମ୍ବା ଝିଅଙ୍କୁ ବନ୍ଦାପନା କରାଯାଇଥିଲା। ମାମୁମାନେ ଏହି ଦିନରେ ନିଜର ଭାଣିଜୀ, ଭଣଜାଙ୍କ ପାଇଁ ନୂଆ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥାଆନ୍ତି। ମା' ମାନେ ନିଜର ଜ୍ୟେଷ୍ଠ ସନ୍ତାନକୁ ବନ୍ଦାପନା କରିବା ଲାଗି ଏଣ୍ଡୁରି ପିଠା ତିଆରି କରିବା ସହ ସମସ୍ତ ପୂଜା ସାମଗ୍ରୀ ପ୍ରସ୍ତୁତ କରିଥାଆନ୍ତି। ଏଣ୍ଡୁରି ପିଠା ହଳଦୀ ପତ୍ରରେ ତିଆରି ହୋଇଥିବାରୁ କେହି କେହି ଏଣ୍ଡୁରି ପିଠାକୁ ହଳଦୀ ପତ୍ର ପିଠା ବୋଲି କହିଥାଆନ୍ତି । ମଙ୍ଗଳବାର ପ୍ରଥମାଷ୍ଟମୀରେ ଏହି ପିଠାର ବାସ୍ନା ପ୍ରତି ଘରେ ପୁରି ଉଠିଥିଲା । ଘରର ସମସ୍ତ ସଦସ୍ୟ ଏହି ପିଠା ଖାଇଥିଲେ। ପଡ଼ୋଶୀ ଓ ବନ୍ଧୁ, ସମ୍ପର୍କୀୟଙ୍କ ଘରକୁ ଏହି ପିଠା ବଣ୍ଟା ଯାଇଥିଲା।

# ମହୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ



ଦୌଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀ ।

ନୂଆଗାଁ,୬।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ବୁଧବାର କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୂଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମହିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ମହିପୁର ସମିତି ସଭ୍ୟା ଅନୀତା ବେହେରା, ମହିପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ସିଠ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନେ ହେଉଛନ୍ତି ଶକ୍ତିର ଉତ୍ସ ଏବଂ ଶିକ୍ଷା ହେଉଛି ଦେଶ ପ୍ରଗତିର ଚାବିକାଠି । ତେଣୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭା ଉନ୍ମୋଚିତ ହେବାର ଆବଶ୍ୟକତା ରହିଛି । ସେଥିପାଇଁ କ୍ରୀଡ଼ା ଉତ୍ତମ ମାଧ୍ୟମ ବୋଲି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଜିଲା ଶିକ୍ଷାଧିକାରୀ ପଟ୍ଟନାୟକ କହିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିଠ ନିଜର ଅଭିଭାଷଣରେ ସ୍କୁଲର ସମସ୍ୟା ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏହି କ୍ରୀଡ଼ା ଉତ୍ସବ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଚାଲିଛି । ଏହି ଅବସରରେ ଦୌଡ, ସଟ୍‌ପୁଟ୍ ଥ୍ରୋ, ଲମ୍ବାଡିଆଁ, ଉଚ୍ଚଡିଆଁ, ଫୁଟବଲ, କ୍ରିକେଟ୍, କବାଡ଼ି, ଖୋଖୋ ଓ ବ୍ୟାଟ୍ ମିଣ୍ଟନ ଆଦି କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ଅବସରରେ ଆସନ୍ତା ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ସ୍ୱଚ୍ଛତା, ସଡ଼କ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ, ଯୋଗ, ନିଶା ନିବାରଣ, ବାଲ୍ୟ ବିବାହ ଆଦିକୁ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ଦାସ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍କୁଲର ୨୦ ଶିକ୍ଷୟିତ୍ରୀ ଶିକ୍ଷକ, ଉଚ୍ଚ ମାଧ୍ୟମିକ ବିଭାଗର ୬ ଜଣ ପ୍ରଧ୍ୟାପକଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଛାତ୍ରୀଛାତ୍ରମାନେ ହେଉଛନ୍ତି ଶକ୍ତିର ଉତ୍ସ**

# ସୁନାମୁହିଁରେ ବିଜେଡି ର କର୍ମୀ ସମ୍ମିଳନୀ

ଓଡ଼ଗାଁ,୬।୧୨(ଆଦର୍ଶକୁମାର ପଟ୍ଟନାୟକ)

ମଙ୍ଗଳବାର ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ ସୁନାମୁହିଁଠାରେ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାଣ ଚୌଧୁରୀ ଅଧକ୍ଷତା କରିଥିବା ବେଳେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ କୁମାର ବେହେରା, ଜିଲା ବିଜେଡି ଉପ ସଭାପତି ନିତ୍ୟାନନ୍ଦ ପ୍ରଧାନ, ଜିଲା ମହିଳା ବିଜେଡି ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ଝିଲି ପଧାନଙ୍କ ସମେତ ବହୁ ବିଜେଡି ସମର୍ଥିତ ନିର୍ବାଚିତ ସଦସ୍ୟ ଏଥିରେ ଅଂଶ ଗ୍ରହଣ କରିଥିଲେ। ସମବେତ ମହିଳା ଓ କର୍ମୀମାନଙ୍କୁ ବିଧାୟକ ସାହୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ବିରୋଧି ଏହାକୁ ସହ୍ୟ କରି ନ ପାରି ଅଯଥାରେ ତାଙ୍କ ବିରୋଧରେ ଅପପ୍ରଚାର କରୁଥିବା କହିଥିଲେ। ସେହିପରି ବିଧାୟକ ବେହେରା ବିଜେଡି କର୍ମୀମାନେ ଧାନ କ୍ଷେତରେ ଲାଗୁଥିବା ଚକଡା ପୋକ ସାଜି ପଦ୍ମଫୁଲ ପୋଖରୀରୁ ପଙ୍କ ନଷ୍ଟ କରିବାକୁ ପରାମର୍ଶ ଦେଇଥିଲେ। ଯାହାକି ସମବେତ ମହିଳାଙ୍କ ମଧରେ ଗୁଞ୍ଜରଣ ସୃଷ୍ଟି କରିଥିଲା ।

# ନାଟକ 'ସବୁତ ଦେଖୁଛି କାଳିଆ' ମଞ୍ଚସ୍ଥ

ଖଣ୍ଡପଡ଼ା,୬।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା' ରାମଚଣ୍ଡୀ କଳାପରିଷଦ ଆନୁକୂଲ୍ୟରେ ୪୯ ତମ ପ୍ରଥମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଲୋକ କଳାକୁ ଉଜ୍ଜିବୀତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏପରି ସାଂସ୍କୃତିକ କାର୍ଯ୍ୟମାନ କରାଯାଉଛି। ସ୍ଥାନୀୟ ସାମାଜିକ କର୍ମୀ ଟିଟନ ସାହୁଙ୍କ ତତ୍ତ୍ୱାବଧାନରେ ୩ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବକୁ ସୋମବାର ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମଙ୍ଗଳବାର ସ୍ଥାନୀୟ ଯୁବ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ 'ସବୁତ ଦେଖୁଛି କାଳିଆ' ମଞ୍ଚସ୍ଥ ହୋଇଯାଇଛି । ନାଟକର ମୁଖ୍ୟ ଭୂମିକାରେ ସୁଶାନ୍ତ ଦାସ, କୈଳାସ, ହରି, ହାସ୍ୟ ଅଭିନେତା ବାପୁନା ମିଶ୍ର ଓ ଅନ୍ୟାନ୍ୟ କଳାକାର ଭାବେ ନିଲୁ, ଅଖିଳ, ମୁନା, ଦିବ୍ୟଜ୍ୟୋତି, ବାଦଲ ପ୍ରମୁଖ ଅଭିନୟ କରିଥିଲେ । ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଯୁବ କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ 'କାହାଣୀ ପଛର ସତ'କୁ ଦର୍ଶକମାନେ ଉପଭୋଗ କରିଥିଲେ । ବିଶେଷ କରି ଖଳ ନାୟକ ଭୂମିକାରେ ଟିଟନ ସାହୁଙ୍କ ଅଭିନୟ ଜୀବନ୍ତ ହୋଇଥିଲା । ଅନ୍ୟାନ୍ୟ ଭୂମିକାରେ ସ୍ୱାଧୀନ ମିଶ୍ର, ପ୍ରଦୀପ ବେହେରା, ଚନ୍ଦ୍ର ଶେଖର, ନିରଞ୍ଜନ ପ୍ରମୁଖ ନାଟକ ପରିବେଷଣ କରିଥିଲେ । ବୁଧବାର ଅନ୍ତିମ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତି, ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି ।

**ସିଧାମୂଳାରେ ପ୍ରଥମାଷ୍ଟମୀ ଉତ୍ସବ**

# ଖବର ପ୍ରକାଶ ପରେ ମରାମତି ହେଲା ନଳକୂପ



ନଳକୂଅ ମରାମତି କରୁଛନ୍ତି ଆରଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀ ।

ନୂଆଗାଁ,୬।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ବେଲବଣି ଗ୍ରାମରେ ୧୦ ଦିନ ହେଲା ସୋଲାର ଜଳ ଯୋଗାଣ ବ୍ୟବସ୍ଥା ଓ ନଳକୂଅ ଉଭୟ ଖରାପ ହୋଇ ଯାଇଥିବାରୁ ଲୋକମାନେ ପାଣି ପାଇଁ ଡହଳବିକଳ ହେଉଥିଲେ । ଏ ନେଇ ଗ୍ରାମର ମହିଳାମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଧରିତ୍ରୀରେ ବୁଧବାର ଖବର ପ୍ରକାଶିତ ହେବା ପରେ ଆରଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀ ନଳକୂପ ମରାମତି କରିଛନ୍ତି । କିନ୍ତୁ ନଳକୂଅ ଭିତରେ ପାଣିଉଠା ମୋଟର ଫସିରହିଥିବାରୁ ସୋଲାର ସିଷ୍ଟମ ଅକାମୀ ହୋଇଯାଇଛି। ତେଣୁ ଗ୍ରାମବାସୀ ସୋଲା ବ୍ୟବସ୍ଥାରେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି ।

ସୂଚନା ମୁତାବକ ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ବେଲବଣି ଗ୍ରାମରେ ପ୍ରାୟ ୨୨ ଆଦିବାସୀ ପରିବାର ବସବାସ କରୁଛନ୍ତି । ସେମାନଙ୍କ ବ୍ୟବହାର ନିମନ୍ତେ ଗୋଟିଏ ମାତ୍ର ନଳକୂଅ ରହିଛି। ଲୋକମାନଙ୍କ ସୁବିଧା ଦୃଷ୍ଟିରୁ ସେହି ନଳକୂଅରେ ସୋଲାର ସିଷ୍ଟମ କରି ପାଇପ୍ ଯୋଗେ ପାଣି ଦିଆଯାଉଥିଲା। ତାହା ଅଚଳ ହୋଇଯିବାରୁ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ । ତେଣୁ ୧୦ ଦିନ ପୂର୍ବେ ନଳକୂଅ ମରାମତି ମିସ୍ତ୍ରୀ ଯାଇ ନଳକୂଅକୁ ଖୋଲିଥିଲେ । କିନ୍ତୁ ତାହାକୁ ମରାମତି କରିବା ପରିବର୍ତ୍ତେ ପାଇପ୍ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଗାଁରେ ଥିବା ଗୋଟିଏ ମାତ୍ର ନଳକୂଅର ପାଣି ଖରାଦିନେ ଶୁଖିଯାଉଛି । ତେଣୁ ଲୋକମାନେ ବାଧ୍ୟ ହୋଇ ଗହିର ମଝିରେ ଥିବା ଖୋଲାକୂଅର ପାଣି ବ୍ୟବହାର କରୁଛନ୍ତି । ତେଣୁ ଗ୍ରାମରେ ଆଉ ଗୋଟିଏ ଗଭୀର ନଳକୂଅ ଖୋଳିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

**ଅକାମୀ ହେଲା ସୋଲାର ସିଷ୍ଟମ୍**

# ଦୁର୍ନୀତି ପଦାରେ ପଡ଼ିବା ଭୟ

ନୂଆଗାଁ,୬।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଥିବା ଆଶ୍ରମ ସ୍କୁଲରେ ଅନେକ ଦୁର୍ନୀତି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଅଭିଯୋଗ ପରେ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୃକ୍ତ ସ୍କୁଲକୁ ଯାଇ ସତ୍ୟାସତ୍ୟ ଜାଣିବା ପରେ ଖବର ପ୍ରକାଶ କରୁଛନ୍ତି । ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ୨ ଆଶ୍ରମ ସ୍କୁଲର ୩ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଅନ୍ୟ କେତେଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତେବେ ସ୍କୁଲର ଏପରି ଦୁର୍ନୀତି ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାକୁ ଭିତ୍ତିକରି ଗୋହିରିବାଦୁ ଆଶ୍ରମ ସ୍କୁଲ ଭିତରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ନ ଛାଡିବାକୁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରମାନେ ହଷ୍ଟେଲରେ ରହି ପାଠ ପଢିବା ପାଇଁ ଆନୁସଙ୍ଗିକ ସମସ୍ତ ସୁବିଧା ମାଗଣାରେ ସରକାର ଯୋଗାଇ ଦେଉଛନ୍ତି। ହେଲେ ସେସବୁ ସୁବିଧାସୁଯୋଗ ଛାତ୍ରୀଛାତ୍ରମାନେ ଯେତିକି ପାଉଛନ୍ତି ତା'ଠାରୁ ଅଧିକ ଲାଭବାନ୍ ହେଉଛନ୍ତି ଆଶ୍ରମ ସ୍କୁଲ ଶିକ୍ଷକ ଓ ବିଭାଗୀୟ ଅଧିକାରୀ । ହଷ୍ଟେଲ ଶୌଚାଳୟରେ ଫିନାଇଲ ପକାଇବାଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନଙ୍କ ଖାଦ୍ୟ ପର୍ଯ୍ୟନ୍ତ ସବୁଥିରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ତେବେ ସେସବୁ ଅଭିଯୋଗକୁ ତଦନ୍ତ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସେମାନଙ୍କୁ ସୁରକ୍ଷା ଦିଆଯାଉଛି। ଅଧିକାଂଶ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ସ୍କୁଲକୁ ଯାଇ ବିଭିନ୍ନ ସମସ୍ୟା ଓ ଅନିୟମିତତା ସଂକ୍ରାନ୍ତରେ ଖବର ପ୍ରକାଶ କରୁଥିଲେ । ଏପରି କି ଖବର ପ୍ରକାଶ ପରେ ଡିମିରିପଲି ହାଇସ୍କୁଲର ୨ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଗୋହିରିବାଦୁ ଆଶ୍ରମ ସ୍କୁଲ ଛାତ୍ରୀ ହଷ୍ଟେଲରୁ ଖଟ ସମେତ ଅନ୍ୟାନ୍ୟ ସାମଗ୍ରୀ ନିଜ ଘରକୁ ନେବା ଓ ଛାତ୍ରୀମାନଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବା ଘଟଣାରେ ଜଣେ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ଏପରି ଘଟଣାକୁ ବିଭାଗୀୟ ଅଧିକାରୀ ଘଣ୍ଟ ଘୋଡାଇବା ଯାଇ ଖବର ପ୍ରକାଶ ନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ତାଗିଦ୍ କରିଥିଲେ। ଅନ୍ୟପକ୍ଷେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍କୁଲ ଭିତରକୁ ନ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିବା ଗୋହିରିବାଦୁ ସ୍କୁଲ ପ୍ରଧାନଶିକ୍ଷକ ସୁଧୀର ମହଲ କହିଛନ୍ତି । ଗୋହିରିବାଦୁ ଆଶ୍ରମ ସ୍କୁଲରେ ନିମ୍ନମାନର ଖାଦ୍ୟ ଦେବା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜାତିଆଣ ଭେଦଭାବ ସୃଷ୍ଟି କରାଯାଉଥିବା ନେଇ ସ୍କୁଲର ଛାତ୍ରୀଛାତ୍ରମାନେ ଗଣମାଧ୍ୟମ ପ୍ରତିନିଧି, ପୂର୍ବତନ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଓ ଡବ୍ଲ୍ୟୁଇଓ ଦାୟିତ୍ୱରେ ଥିବା ଜିପିଓ ସାଧୁଚରଣ ସାହୁଙ୍କୁ ଅଭିଯୋଗ କରିଥିଲେ। ସ୍କୁଲ ଛୁଟି ପୂର୍ବରୁ ଓ ପରେ କାର୍ଯ୍ୟ ଦିବସରେ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପକାଇ ଖାଦ୍ୟ ଅନୁଦାନ ହଡପ ହେଉଛି । ଶିକ୍ଷକମାନଙ୍କୁ ସୁରକ୍ଷା ଦେବା ଓ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ଉଦ୍ଦେଶ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍କୁଲ ଭିତରେ ପଶିବା ମନା କରିବା ଘଟଣାକୁ ବୁଦ୍ଧିଜୀବିମାନେ ନିନ୍ଦା କରିବା ସହ ଆଶ୍ରମ ସ୍କୁଲ ଦୁର୍ନୀତି ବିଭାଗୀୟ ଅଧିକାରୀ ଓ ଶିକ୍ଷକମାନଙ୍କ ଭାଗିଦାରୀରେ ହେଉଛି ବୋଲି ନିଜ ନାମ ଗୋପନ ରଖି ଜଣେ ଜନ ପ୍ରତିନିଧି କହିଛନ୍ତି।

ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ଅବଗତ କରାଇବାରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଥିବା ସ୍କୁଲର ସମସ୍ୟା ଓ ଦୁର୍ନୀତିକୁ ପ୍ରଶାସନର ଦୃଷ୍ଟିକୁ ଆଣୁଛନ୍ତି। ତେଣୁ ସେମାନେ ସ୍କୁଲ ଭିତରକୁ ଯିବାରେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷେ ବିଡିଓ ନାୟକ ଏହି ଅଭିଯୋଗର ତଦନ୍ତ କରିବାକୁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଯଜ୍ଞେଶ୍ୱର ନାୟକଙ୍କୁ ଦାୟିତ୍ୱ ଦେଇଛନ୍ତି ।

**■ ଗଣମାଧ୍ୟମ ପ୍ରତିନିଧି ସ୍କୁଲ ଭିତରକୁ ଯିବା ମନା**

**■ ଖବର ପ୍ରକାଶ ନ କରିବାକୁ ଅଧିକାରୀ ତାଗିଦା କରିଥିଲେ**

**■ ଅଧିକାରୀ ଓ ଶିକ୍ଷକଙ୍କ ଭାଗିଦାରୀରେ ଚାଲିଛି ଅନିୟମିତତା**

